ଚନ୍ଦନବନରେ ଏକା

[କବିତା-ସଂକଳନ]

ଭାନୁଜୀ ରାଓ

ପ୍ରକାଶନୀ

Digitized by srujanika@gmail.com

ଭାନୁଜୀ ରାଓଙ୍କ କାବ୍ୟକୃତି

ଚନ୍ଦନବନରେ ଏକା

ସାଂପ୍ରତିକତମ ସଂକଳନ

ପ୍ରକାଶକ :

କାହାଣୀ ପ୍ରକାଶନୀ

କଲ୍ୟାଣୀ ନଗର, କଟକ-୧୩

❖

ପ୍ରଚ୍ଛଦପଟ :

ଅସିତ ମୁଖାର୍ଜୀ

❖

ପ୍ରଥମ ପ୍ରକାଶ :

୧୯୯୪

❖

ମୁଦ୍ରଣ :

ରେନେସାଁ ପ୍ରିଣ୍ଟର୍ସ

ନୂଆବଜାର, କଟକ-୪

❖

ମୂଲ୍ୟ :

ଟ ୩୫.୦୦

[ପଇଁତିରିଶ ଟଙ୍କା ମାତ୍ର]

ଲେଖକଙ୍କ ଦ୍ୱାରା ସର୍ବସ୍ୱତ୍ୱ ସଂରକ୍ଷିତ

CHANDANA BANARE EKA

A collection of poems

by **Bhanujee Rao**

Publisher :

KAHANI PRAKASHANI

Kalyaninagar,

Cuttack-753013

1994

Price :

Rs. 35.00

(Rupees Thirtyfive Only)

All the rights are reserved by the author

Digitized by srujanika@gmail.com

ସେମାନଙ୍କୁ—
ଯେଉଁମାନେ କବିତାର ଦର୍ପଣରେ
ନିଜକୁ ଦେଖନ୍ତି ।

Digitized by srujanika@gmail.com

କବିଙ୍କର ଅନ୍ୟାନ୍ୟ କୃତି :

ବିଷାଦ ଏକ ଋତୁ

□

ନଈ ଆରପାରି

Digitized by srujanika@gmail.com

ପ୍ରକାଶକୀୟ

ଆଧୁନିକ ଓଡ଼ିଆକବିତାର ଏକ କ୍ଲାସିକ୍ କଣ୍ଠସ୍ୱର— ଭାନୁଜୀ ରାଓ । ୧୯୫୫ ମସିହାରେ ପ୍ରକାଶିତ ବହୁଚର୍ଚ୍ଚିତ 'ନୂତନ କବିତା' ସଂକଳନର ସହକବି ଭାବରେ ସେ ବେଶ୍ ବିତର୍କିତ ହୋଇ ପଡ଼ିଥିଲେ, ସେଦିନର ରକ୍ଷଣଶୀଳ ଓ ଶୁଚିବାୟୁଗ୍ରସ୍ତ ସମାଲୋଚକମାନଙ୍କ ମହଲରେ ! ମାତ୍ର ଆଧୁନିକ ଓଡ଼ିଆକବିତାର ଆତ୍ମାର ଅନୁରଞ୍ଜନ ଓ ଶରୀରସଜ୍ଜା କ୍ଷେତ୍ରରେ କବି ଭାନୁଜୀଙ୍କ ଅବଦାନ ଆଜି ଓଡ଼ିଶାର ସୁଧୀସମାଜ ଦ୍ୱାରା ସିଦ୍ଧ ଓ ସ୍ୱୀକୃତ ।

ଭାନୁଜୀ ଚିରଦିନ ଜଣେ ନୀରବ କବି । ପ୍ରଚାର ଓ ପ୍ରକାଶର ପୃଥିବୀଠୁ ଅନେକ ଦୂରରେ । ସେଥିପାଇଁ ୧୯୭୩ରେ 'ବିଷାଦ ଏକ ଋତୁ' ଓ ୧୯୮୬ରେ 'ନଈ ଆରପାରି' ପ୍ରକାଶିତ ହେବାର ଅନେକ ବର୍ଷ ବିତିଯାଇଥିଲେ ସୁଦ୍ଧା ତାଙ୍କର ନୂତନ କୃତି ପ୍ରକାଶ ପାଉଛି ଏଇମାତ୍ର—ହଁ, ଏଇ ୧୯୯୪ ମସିହାରେ !

ଦ୍ରୁତପ୍ରକାଶିତ ନହେଲେ ମଧ୍ୟ ସେ ଯେ ସୃଜନକ୍ରିୟାରୁ ବିରତି ନେଇନାହାନ୍ତି, ନିଃଶବ୍ଦରେ ଛନ୍ଦର ସୁନ୍ଦର ଶତଦଳ ସବୁ ସୃଷ୍ଟି କରିଚାଲିଛନ୍ତି -- ଏହି ସୁମିଷ୍ଟ ସୁସମ୍ବାଦ ତାଙ୍କର ଅଗଣିତ ଭକ୍ତ ଓ ପ୍ରିୟ ପାଠକଙ୍କୁ ଜଣାଇ ଦେବା ପାଇଁ କାହାଣୀ ପ୍ରକାଶନୀ ଆଜି ପ୍ରକାଶ କରୁଛି କବି ଭାନୁଜୀ ରାଓଙ୍କ ଏହି ସାଂପ୍ରତିକତମ ସଂକଳନ— 'ଚନ୍ଦନବନରେ ଏକା' ।

Digitized by srujanika@gmail.com

ସୂଚୀ ଓ ସୂଚନା

ନଈ ❖ ୯

ଏକା-ଏକା ❖ ୧୦

ନଦ ❖ ୧୨

ଭଙ୍ଗା ଫୁଲଦାନି ❖ ୧୩

ଜହ୍ନ ବୁଡ଼ିଗଲେ ❖ ୧୬

ଚନ୍ଦନବନରେ ଏକା ❖ ୧୭

ପବନ ❖ ୧୮

ପ୍ଲାବନ ❖ ୧୯

ପଲାଶ ❖ ୨୦

ବିଦାୟ ❖ ୨୧

କଲ୍‌କୀ ❖ ୨୩

ପାଇନ୍ ❖ ୨୫

ଫାଣ୍ଟମ୍ ❖ ୨୭

ଓଠ ❖ ୨୯

ମୃତ୍ୟୁ ❖ ୩୧

ମଣିଷ ❖ ୩୩

ସ୍ୱପ୍ନଭଙ୍ଗ ❖ ୩୫

ଗୋଲାପ ସୁନ୍ଦରୀ ❖ ୩୭

ଗଛ ❖ ୩୮

ସ୍ୱର୍ଣ୍ଣ ଦିନଲିପି ❖ ୩୯

ପ୍ରାପ୍ତି ❖ ୪୧

ଉତ୍ତରାଧିକାର ❖ ୪୨

Digitized by srujanika@gmail.com

ପ୍ରତ୍ୟାବର୍ତ୍ତନ ❖ ୪୪
ରବୀନ୍ଦ୍ରନାଥ ❖ ୪୬
ଶେଷ ଅଶ୍ୱାରୋହୀ ❖ ୪୯
ବାସ୍ନା ❖ ୫୧
ସ୍ୱପ୍ନର ଆୟୁ ❖ ୫୩
ଆରବ୍ୟ ରଜନୀର ଗଳ୍ପ ଅଥବା ଦିନେ ଅକସ୍ମାତ୍ ❖ ୫୫
ଯାବା ❖ ୫୮
ନିଦାଘ ❖ ୬୦
ଅବରୋହଣ ❖ ୬୨
ଅଭିସାର ❖ ୬୪
ଜନ୍ମ ❖ ୬୬
ଫଟା-ସକାଳ ❖ ୬୮
ସ୍ମୃତି-ତର୍ପଣ ❖ ୭୦
କବି ❖ ୭୨
କବି ଓ କବିତା ❖ ୭୬
ଯବନିକା ❖ ୮୦
ତୁମେ ମୋତେ ❖ ୮୪
ଅନ୍ଧାରରେ ଏକା ❖ ୮୬
ପାଲଭୂତ ❖ ୯୦
ହେମନ୍ତ ❖ ୯୩
ବଦାଣ୍ଡି ଦର୍ପଣ ॥୧ ❖ ୯୫
ବଦାଣ୍ଡି ଦର୍ପଣ ॥୨ ❖ ୯୬
ସମସ୍ତ ❖ ୯୭
କମିସ୍ଥା ❖ ୧୦୦
ବର୍ଷା ❖ ୧୦୩
ଦିଗଭ୍ରାନ୍ତ ❖ ୧୦୬
କଲେଜ ❖ ୧୦୯
ଶେଷ ଠିକଣା ❖ ୧୧୧

***

Digitized by srujanika@gmail.com

ନଈ

ମୁଁ ଗୋଟିଏ ନଈକୁ ଚିହ୍ନିଥିଲି—ଭଲ ପାଉଥିଲି ।
ଯିଏ ଏକ ବେଗବାନ ଘୋଡ଼ା ପରି
ଦୌଡ଼ୁଥିଲା ଭେଟିବାକୁ ସମୁଦ୍ର ।
ସେ ଧାଉଁଥିଲା ଦୂର ବନସ୍ତର ବସନ୍ତକୁ ଛୁଇଁବାକୁ,
ମଞ୍ଜରିତ ଡାଳ ସବୁ ଶିହରିତ ହେଉଥିଲେ ତାର ଉଚ୍ଛ୍ୱାସରେ ।

ମୁଁ ପୁଣି ଦେଖିଛି ତାକୁ
ପବିତ୍ର ବିଧବା ପରି
ଶୀର୍ଣ୍ଣ ଦେହ ଢାକିଢୁକି
ଶୋଇଛି ସେ ଧବଳ ବାଲିରେ,
ହାତ ମୁଠାରେ ଫୁଲାଏ ବାଲିଗରଡ଼ା ।

ହୁଏତ ସେ ମରିଯିବ, ସରିଯିବ ଦିନେ
ବାଲିର ପିରମିଡ୍ ସବୁ ଗ୍ରାସିଯିବେ ତାକୁ
କିଛିଦିନ ପାଇଁ ।

ଉଠିବ ସେ ଜାଗି ପୁଣି,
ନୀଳ ଢେଉ ନାଚି ନାଚି
ତା ଦେହକୁ ଓହ୍ଲାଇ ଆସିବେ ।
ନିଃସଙ୍ଗ କିଶୋରୀମାନେ
ଗଡ଼ିବେ ପାଣିକୁ,
ମହମରେ ଗଢ଼ା ତାଙ୍କ ଗୋଡ଼ ଧୋଇବାକୁ
ନିର୍ଜନ ଜହ୍ନ ଆଲୁଅରେ ।

□ □ □

Digitized by srujanika@gmail.com

ଏକା-ଏକା

ବହୁ ଦୀର୍ଘ ଦିନ ହେଲା
ଘର ମୁଁ ଛାଡ଼ିଛି ।
ବହୁ ଯୁଗ ଧରି ମୋର
ଛାତିର ଝରକାରେ
ଫୁଟି ଉଠିନାହିଁ ମୁହଁ
ଥରକ ଚାହିଁକି —
କାହାରି ।

ବହୁଦିନ, ବହୁ ଦୀର୍ଘ ଦିନ
ଶିଉଳି ଭରିଛି ପୋଖରୀରେ ।
ଗଛ ତଳେ ଦୁଆର କଡ଼ରେ,
ମୁଠା ମୁଠା ଜମିଛି ବଉଳ ।

କେତେ କାଳ ବିତିଗଲା—
ବଗିଚ୍ଚର ସଜନା ଡାଳରେ
ଫୁଲ ଫୁଟେ, ଫୁଲ ମରିଯାଏ ।
ଫୁର୍ କରି ଉଡ଼ିଗଲା କୋଇଲି
ଗଣସ ଗଛରୁ
ନୀଡ଼ ଭାଙ୍ଗି ଦେଇ ।

Digitized by srujanika@gmail.com

ଏ ଏକ ମେଘର ରାଜ୍ୟ
ଏଠି ଖାଲି ମେଘମାନେ ଯା'ନ୍ତି ପାରିଧିକୁ;
ସେମାନଙ୍କ ଆଚରଣ
ସ୍ୱାର୍ଥପର ଜଳଦସ୍ୟୁ ଭଳି ।
ସେମାନଙ୍କୁ ନେଇ ମୋର
କଟେ ନାହିଁ ବ୍ୟକ୍ତିଗତ ବେଳ ।

ମନେ ପଡ଼େ କେବେ ଦିନେ
କେଉଁ ଅନ୍ୟ ଗ୍ରହରେ କେଜାଣେ
ମେଘ ସବୁ ଗାଈ ପରି
ଚରୁଥିଲେ ପାହାଡ଼ ସାନୁରେ ।

ଫୁଲ ସବୁ ମଉଳିଲା,
ପାଖୁଡ଼ାରୁ ସରିଲା ମହକ ।
ଦୀର୍ଘ କାହା ଛାଇ ପଡ଼େ
ପିଚ୍ଛିଳ ଜହ୍ନ ଆଲୁଅରେ ।
ମୁଁ ଆଉ ସେହି ଛାଇ
ହାତ ଛନ୍ଦି ପରସ୍ପର,
ବସି ରହୁ ମୁହାଁମୁହିଁ
ଚୁପଚାପ୍ ଏହି ପ୍ରବାସରେ ।

□ □ □

Digitized by srujanika@gmail.com

ନିଦ

ନିଦ ମାନେ କ୍ରମଶଃ କ୍ଷୟ ହୋଇ ଯିବାର କାହାଣୀ
ଧୀରେ ଧୀରେ ଭର୍ଜି ଭର୍ଜି ନିଶେଷ ହେବାର ପ୍ରକ୍ରିୟା ।
ନିଦ ମାନେ, ଶୋଇ ରହିବା ନୁହେଁ ।
ନିଦ ଅର୍ଥ ଯୌବନର ଫଟା ଦର୍ପଣରେ
ନିଜର ବୃଦ୍ଧ ବଳବଳ ମୁହଁ ଦେଖିବା
ସାର ରତି କିମ୍ବା ଦିନ ସାର ଧରି ।
ବିସ୍ମରଣ ନୁହେଁ,
ଭଙ୍ଗା ସିଲଟରେ 'ଅ' 'ଆ' ମଡ଼େଇବାର
ଅନ୍ୟ ନାମ ନିଦ ।
ନିଦ ମାନେ ଶୋଇବା ନୁହେଁ,
ଚରେଇ, ଲମ୍ବ ହୋଇ, ଚିତ୍ ହୋଇ, କିମ୍ବା ମୁହଁ ମାଡ଼ି ।
ନିଦ ମାନେ, ଶଯ୍ୟାହୀନ ସହରରେ
ହୋଟେଲ ଖୋଜି ବୁଲିବା,
ଅଉ ଏକମାତ୍ର ତକିଆଟି
ହଠାତ୍ ହଜେଇ ଦେବା,
ପୂର୍ବବର୍ତ୍ତୀ ସହରର ଅମୁହାଁ ଗଳିରେ ।
ନିଦ ଅର୍ଥ ବିବସ୍ତ୍ରା ନାରୀକୁ ଟିକିଏ ଛୁଇଁ ଦେଇ
ଘର ଛାଡ଼ି ମୁହଁ ବୁଲାଇ
ଚାଲିଯିବା ସନ୍ନ୍ୟାସରେ ।
ନିଦ ମାନେ ଗୋଟାଏ ଟଣା ଦଉଡ଼ି ଉପରେ
ସର୍କସ ଖେଳାଳି ପରି ନାଚି ନାଚି
କୁର୍ଦ୍ଦି ବୁଲିବା ।
ବିଶ୍ରାମ ନୁହେଁ, ନୁହେଁ ସ୍ୱପ୍ନ ଦେଖିବା ବି ।

□□□

Digitized by srujanika@gmail.com

ଭଙ୍ଗା ଫୁଲଦାନୀ

ଫୁଲଦାନୀ ଭାଙ୍ଗିଯିବା ପରେ
ଫୁଲ ସବୁ ବିଞ୍ଛିଯାଏ ଏଣେତେଣେ,
ସ୍ମୃତିର ବୃନ୍ତରୁ
ଟୁପ୍ କରି ଖସି ପଡ଼େ
ନିରକ୍ତ ଗୋଲାପ ।
ସାଉଁଟିବାକୁ କେହି ନାହିଁ
ଅବିନ୍ୟସ୍ତ ଫୁଲତୋଡ଼ା
ଲୋଟୁଥାଏ ଧୂସର ଧୂଳିରେ ।

ଗ୍ଲାସ୍ କପ୍ ଭାଙ୍ଗିଗଲେ
ଯୋଡ଼ି ଆଉ ହୁଏ ନାହିଁ କେବେ,
ଧୋଇଲେ ବି ଯେତେ
ହାହାକାର ଲିଭେ ନାହିଁ
ସେ ଫଟା ଦାଗରୁ ।
ପିଇବାକୁ ଚେଷ୍ଟା କଲେ
ଜିଭ ପୋଡ଼େ କର୍କଶ ଘାରେ ।
ଏକା ଏକା ଚୁପ୍‌ଚାପ୍,
ପରିତ୍ୟକ୍ତ ଘରର କୋଣରେ,
ପଡ଼ିଥାଏ ପଥର ଟେବୁଲ ।

ହୃଦୟ ବି ଭାଙ୍ଗିଯାଏ ଦିନେ,
ହାରିଯାନ୍ତି ପୃଥିବୀର ତମାମ ଶଲ୍ୟବିତ୍,
ଛିନ୍ନଭିନ୍ନ ପ୍ରେମ ମୋର
ପଡ଼ିଥାଏ ଇତସ୍ତତଃ
ମୁହଁମାଡ଼ି ନୃଶଂସ ଘାସରେ ।

□ □ □

Digitized by srujanika@gmail.com

ଜହ୍ନ ବୁଡ଼ିଗଲେ

ଭଲ ଆଉ ପାଏ ନାହିଁ କେହି ଆଜିକାଲି,
ସ୍ମୃତିର କବର ମୂଳେ
ପଡ଼ିଥାଏ ନିରନ୍ତ ଗୋଲାପ,
ଗନ୍ଧହୀନ ବିବର୍ଣ୍ଣ ପାଖୁଡ଼ା ।

ଗୋଧୂଳିର ଅସ୍ତରାଗ ପୋଛି ଦେଇ
ପାହାଡ଼ ଚୂଳରୁ,
ବଜାଏ କାହାଳୀ
ରାତିର ପ୍ରହରୀ,
ଅନ୍ଧାର ଘୋଟି ଆସେ ଜହ୍ନ ବୁଡ଼ିଗଲେ ।

ପ୍ରେମ ଅଛି ନିର୍ଜନ ଘାସରେ,
ଫୁଲର ପରାଗ ପାଖେ
ବୋଳି ହୋଇ ସ୍ୱର୍ଣ୍ଣାଭ ରୌଦ୍ରକଣିକାକୁ
ବର୍ଣ୍ଣମୟ ପ୍ରଜାପତି ଆସେ ।

Digitized by srujanika@gmail.com

ସୁଦୂର ମୁହାଁଣରେ ବାଲିବନ୍ତ ଡେଇଁ ଡେଇଁ
ସାଗରର ଢେଉ ସବୁ ପଶିଯାନ୍ତି
କୁଆର ଜାଗିଲେ ।

ପ୍ରେମ ଅଛି ଚଢ଼େଇ ଡେଣାରେ
ଯେଉଁଠି ଓହ୍ଲାଇ ଆସେ ଆକାଶ ବି
ନୀଡ଼ ବାନ୍ଧିବାକୁ
ପଲ୍ଲବକୁ ପଲ୍ଲବରେ ଛନ୍ଦିବାକୁ ସମବେଦନାରେ ।

କେହି ଆଜି ପ୍ରାଣ ଦେଇ
ଆଉ ଭଲପାଏ ନାହିଁ ବୋଲି
ବିଚ୍ଛେଦରେ ନୀଳ ଦିଶେ ଯମୁନାର ପାଣି ।

କେଉଁ ଏକ ଅଜଣା ଦୂରରେ
ପଳାନ୍ତି କାନ୍ଦି କାନ୍ଦି ଅନ୍ଧାରରେ
ଧର୍ଷିତା ରାଜକନ୍ୟାମାନେ
ଅକସ୍ମାତ୍ ଜହ୍ନ ବୁଡ଼ିଗଲେ ।

□ □ □

Digitized by srujanika@gmail.com

ଚନ୍ଦନବନରେ ଏକା

ମୁଁ ଦିନେ କବିତା ଲେଖିବି,
ଯାହା ମନ୍ତ୍ର ପରି ଉଚ୍ଚାରିତ ହେବ ଘରେ ଘରେ ।
ତା ଦେହକୁ ସଜାଇବି
ଅଲୌକିକ ଅକ୍ଷରରେ,
ଯେଉଁଠି ଧରା ଦେବ ନିସର୍ଗ-ପୃଥିବୀ
ଆରବ୍ଧ ଧ୍ୱନିମୟତାରେ ।

ଘରର ଝରକା-କବାଟ
ଖୋଲି ରଖିବି
ତା ପାଇଁ ।
ଅନର୍ଗଳ ଜ୍ୟୋଛନାରେ
ଧୋଇଯିବ ଘରର ଚଟାଣ ।
ଆସନରେ ଲେଖିଦେବି ବହୁ ଆଦରରେ
'ଆସ-ବସ'—ସୁନାର କାଳିରେ ।

Digitized by srujanika@gmail.com

ଏ ସବୁ ତ ତୁଚ୍ଛ କଥା
ସତ ସତ ହୃଦୟରେ ସଜାଇବି
ସୁନା-ସିଂହାସନ ତା ଲାଗି ।
ତା ଦେହର ସ୍ପର୍ଶ ପାଇଁ
ପ୍ରତିଟି ଲୋମକୂପ ରୋମାଞ୍ଚିତ
ହେବ ସୁନୀଳ ଘୋର ପ୍ରତୀକ୍ଷାରେ ।

କବିତା ଆସିଲେ
ବିସ୍ଫୋରଣ ଘଟେ ହୃଦୟରେ ।
ଗୋଟିଏ ସାର୍ଥକ ଧାଡ଼ିରେ
ଜ୍ୱଳି ଉଠେ ହୋମାଗ୍ନିର ଶିଖା
ଦପ୍ କରି ।

ସେ କାହିଁ ଆସିଲା ନାହିଁ ?
ସ୍ୱପ୍ନରେ ତା ପଦଧ୍ୱନି ଶୁଭେ
ମନ କହେ ସେ ଆସିବ ସନ୍ଧ୍ୟା
ଗଡ଼ି ଗଲେ,
ଜହ୍ନର ହାତ ଧରି
ପାଦରେ ଚୁପି ଚୁପି ଝରା ପତରକୁ
ଆସିବ ସେ ।

ମୁଁ ରହେ ଉଜାଗର
ଏକା ଏକା ପ୍ରତୀକ୍ଷାରେ
ତାକୁ ଭେଟିବାକୁ
ନିଛାଟିଆ ଚନ୍ଦନ ବନରେ ।

□ □ □

Digitized by srujanika@gmail.com

ପବନ

କାଲି ରତିରେ ପବନ ଭରି ମାତାଲ୍ ଥିଲା,
ନଡ଼ିଆ ଗଛର ଚୁଟିକୁ ବହୁତ ଝିଙ୍କିଛି,
ତାରରେ ଟଙ୍ଗା ଓଦା ଶାଢ଼ୀର ପଣତ ଧରି
ଘୋଷାରିଛି କ୍ରମାଗତ ।

ଘଣ୍ଟାକେ ଶହେ ମାଇଲ
ଦୌଡ଼ିଛି ଅଣନିଃଶ୍ୱାସୀ ହୋଇ
ଏ ପବନ ।

ଶେଷକୁ ଅସମ୍ଭାଳ ପବନ,
ନଇରେ ନାଆ ଓଲଟାଇ,
ଗଛ ଓପାଡ଼ି, ଘରଚାଳ ଉଡ଼ାଇ,
ସବୁ କିଛି ଭାଙ୍ଗି ଭୁଜି
ଛାରଖାର କରି ଦେଇଛି ।
ଏକାବେଳକେ ଦକ୍ଷ-ଯଜ୍ଞର
ନଟରାଜ ପରି
ଏ ନିର୍ମମ ମାତାଲ୍ ପବନ,
କାଲି ରତିରେ ପୃଥିବୀର ମଞ୍ଚରେ
ଅଭିନୟ କରୁଥିଲା ।

□□□

Digitized by srujanika@gmail.com

ପ୍ଲାବନ

ସୁଖ ମରିଯାଇଛି । ସାନ ବଡ଼, ଖଣ୍ଡିତ ବା ସମ୍ପୂର୍ଣ୍ଣ, ସବୁ ପ୍ରକାରର ସୁଖ । ଗତି କୋକେଇ ବାନ୍ଧି ବସିଛି, ତାକୁ କାନ୍ଧେଇ ନେବ ବୋଲି ମଶାଣି ପଦାକୁ । ସାଗ ଗତି ଧରି ଫୁସୁର ଫାସର କରୁଛି ବର୍ଷା । ନିର୍ଜନତାର ଛାତି ଚିରି ଦୂରରେ ହଠାତ୍ ବଜ୍ରପାତ ହେଲା । ପୁଣି ନିରନ୍ଧ୍ର ଅନ୍ଧକାର । ସାମନାରେ, ପଛରେ, ବାଁ, ଡାହାଣକୁ, —ଘୁରିଆସୁଛି ଦିଗନ୍ତବିସ୍ତୃତ ଅନ୍ଧାର କେବଳ । ଠିକ ଏତିକି ବେଳେ ବର୍ଷିର ଗୋଳି ପାଣି ପଶିଲା ଘାଇ ଭିତରକୁ । ଯେମିତି, ନିଦ୍ରିତ ପ୍ରହରୀର ଅସତର୍କତାର ସୁଯୋଗ ନେଇ ଶତ୍ରୁସେନା ଦୁର୍ଗ ଭିତରକୁ ପଶନ୍ତି । ମେଘ ଉହାଡ଼ରୁ ଜହ୍ନର ଗୋହା ମୁହଁ ଆଉ ଦିଶୁ ନାହିଁ ।

ଅତଡ଼ା ଖସିବାର ଶବ୍ଦ ଶୁଭୁଛି । ଭସିଗଲା ବୃଦ୍ଧର ଯଷ୍ଟି, ବୃଦ୍ଧାର ହଳଦୀକାଠୁଆ, ଶିଶୁର କଜଳପାତି । ପ୍ରବଳ ଆବର୍ତ୍ତରେ ତୃଣଖଣ୍ଡ ପରି ନିକ୍ଷିପ୍ତ ହୋଇଗଲା ମୋର ସ୍ୱପ୍ନର କୈଶୋର । ଘୁରିଆସୁଛି ବିପୁଳ ହାହାକାର । ଛତାକନା ରଙ୍ଗର ଆକାଶରୁ ଅଜାଡ଼ି ହୋଇ ପଡ଼ୁଛି ବର୍ଷା ଅବିରଳ ।

ଗୋଟାଏ ଡଙ୍ଗା ପାଇଁ ଭଙ୍ଗେଣି ପଡ଼ିଛି । ସୁନ୍ଦର ଫାଟୁ, ରକ୍ତିମ ସୂର୍ଯ୍ୟ ଆସି ବସୁ ଚିତ୍ରିତ ମଙ୍ଗରେ ତାହାର ।

□ □ □

Digitized by srujanika@gmail.com

ପଳାଶ

ପଳାଶ ଫୁଟିଛି,
ଆକାଶର ଗ୍ରହ ଆ ତଳେ
ସରମରେ ଲଇ ହୋଇ
ଗୁଚ୍ଛ ଗୁଚ୍ଛ ଫୁଟିଛି ପଳାଶ ।

ପଳାଶର ହାତ ଧରି
ମୁଁ ଆଉ ଏକ ଜନ୍ମ ଆଡ଼କୁ
ଓହ୍ଲାଇ ଗଲି ।
ଯେଉଁଠି ଫୁଲଟୁଇ ଚଢ଼େଇ ଆସେ
ସନ୍ଧ୍ୟା ହେଲେ ନାଚିବାକୁ,
ଆଉ,
ବୁଢ଼ୀ ଅସୁରୁଣୀର ହାତ ମୁଠାରୁ
ଖସି ପଳାଏ ଗଜପୁତ୍ର
ଅଗ୍ନାଅଗ୍ନି ବନସ୍ତ ଭିତରକୁ ।

ପଳାଶ ସାଜିଛି
ଫଗୁଆରୁ ଗ୍ରେରି କରି ଯାବତ ସିନ୍ଦୂର,
ସାଜିଛି ପଳାଶ ।
ଗତିର ଢଙ୍ଗ ଦେଖେ ବନସ୍ତରେ ଲଗିଛି ନିଆଁ,
ହୁ-ହୁ ହୋଇ ଜଳୁଛି ସମସ୍ତ ସବୁଜ ।

ରକ୍ତିମ ନିଆଁ ଢାଳି
ପୋଡ଼ି ଦେଇ ଚରାଚର
ପଳାଶ ହସୁଛି ।

□□□

Digitized by srujanika@gmail.com

ବିଦାୟ

ବିଦାୟ ଦୀର୍ଘଶ୍ୱାସ,
ସକାଳର ବାସି ପାଉଁରୁଟି,
ବିଦାୟ ବିଷାଦ ଚା,
ଛକ ପାଖ ଅନ୍ଧ ଭିକାରୁଣୀ ।

ବିଦାୟ ରବର ବଲ, ରଙ୍ଗିନ୍ ବେଲୁନ୍,
ହାଓ୍ୱା ପେଁକାଛି,
ବିଦାୟ ଚାନ୍ଦନୀଚୌକ, କଟକ-ଚାଟ୍,
ପାର୍କରେ ଶେଷ ଲୁଚକାଳି ।

ବିଦାୟ କାଣତର୍ଣ୍ଣ, ଛିଣ୍ଡା ମେଘ,
ମୁଠାଏ ଗଙ୍ଗଶିଉଳି,
ବିଦାୟ ଶଙ୍ଖଚିଲ,
ବିଦାୟ, କାଠଯୋଡ଼ିର ଧଳା ସନ୍ତବାଲି ।

Digitized by srujanika@gmail.com

ବିଦାୟ ଆଖିର ଲୁହ,
ରୁଦ୍ଧ-କଣ୍ଠ କବିତା ପାଠ,
ବିଦାୟ ଟାଉନବସ୍,
ଶୀତାର୍ତ୍ତ ମଉଳା ବଙ୍କା ଜହ୍ନ ।

ବିଦାୟ ମହାନଦୀ,
ବୁରୁଜରେ ରକ୍ତାଭ ସୂର୍ଯ୍ୟାସ୍ତ,
ବିଦାୟ ଦର୍ପଣର ଛାଇ,
ବିଦାୟ ଦଗ୍ଧ ଜୀର୍ଣ୍ଣ ଦିନ ।

ବିଦାୟ ବାଞ୍ଛକୃଷ୍ଣ;
ବିଦାୟ କରୁଣ ଓଡ଼ିଶୀ ,
ବାଲିଯାତ୍ରା ପଡ଼ିଆର
ଭଙ୍ଗା ବାରବାଟି,
ବିଦାୟ, ବିଦାୟ ।

□ □ □

Digitized by srujanika@gmail.com

କଲ୍‌କୀ

ଚନ୍ଦ୍ର ଆଜି ଆକାଶରେ ନାହିଁ,
ପଡ଼ି ରହେ ଏକା ଏକା ନଗ୍ନ ବେଳାଭୂଇଁ,
ନିଃସଙ୍ଗତାର ହାତ ଧରି
ଚାଲି ଚାଲି ଯିବି କେତେ ଦୂର,
ଗୁଡ଼କଙ୍କ ପରି ଆଉ କେତେକାଳ
ଗଡ଼ି ଗଡ଼ି ମାପିବି ସୈକତ ?

ଏକଦା ମନେ ଅଛି ସବୁ କିଛି ଥିଲା ଭରପୂର,
ଯଶ ଆଉ ପ୍ରତିପତ୍ତି, ବିତ୍ତ ସୁପ୍ରଚୁର,
ଅର୍ଥ ଥିଲା, ସୁଖ ଥିଲା, ସମ୍ମାନ ବି ମାତ୍ରାରେ
ଅମାପ,
ସମ୍ଭୋଗରେ ମିଶିଥିଲା

ଆଜି କିନ୍ତୁ ସବୁଥିରେ
ନପୁଂସକ ବୈଚିତ୍ର୍ୟହୀନତା,
ଦେଖା ନାହିଁ କାହାରି ଠିକଣା
ଚୈତ୍ରର ଝଡ଼ ପତରରେ ।
ବର୍ଣ୍ଣହୀନ ପ୍ରୌଢ଼ତ୍ୱର
ନିସ୍ତରଙ୍ଗ ହ୍ରଦରେ ଜୁଆର
ଆଉ ଆସେ ନାହିଁ ।

Digitized by srujanika@gmail.com

ଦ୍ରୁତ ନୁହେଁ, ତଥାପି ଅମୋଘ,
ଘୋଡ଼ାର ଟାପୁରେ ବୁଣି
ଲଲି ଧୂଳି ସୂର୍ଯ୍ୟାସ୍ତ ରଙ୍ଗର
ଅନାଗତ ହ୍ରେଷା ଧ୍ୱନି ?
ପାଉଛ କି ଶୁଣି ?

ଆସୁଛି ସେ, ଆସୁଅଛି ପୁଣି,
ଆସୁଅଛି ହାତେ ଧରି
ଉନ୍ମୁକ୍ତ ତୀକ୍ଷ୍ଣ ତରବାରୀ,
ଖଣ୍ଡ ଖଣ୍ଡ କରି
କାଟିବାକୁ କ୍ଲେଦାକ୍ତ ମେଦିନୀ,
ଆସୁଛି ସେ, ଆସୁଅଛି ପୁଣି ।

ଦିନେ ସବୁ ସରିଯିବ,
ମଞ୍ଚରେ ପଡ଼ିଯିବ ଶେଷ ଯବନିକା,
କଣ ଲଭ କହ ଭଲ
ମିଛ, ମିଛ ବେଳ ମାପି
ନିରର୍ଥକ ଦିନ ଯାପନରେ ?

□ □ □

Digitized by srujanika@gmail.com

ପାଇନ୍

ସେ ମୋ ଲାଗି ଦୀର୍ଘ ଦିନ
ପ୍ରତୀକ୍ଷା କରିଛି
ଗୋଧୂଳିରେ ବିସ୍ତୃତ ଛାଇ ବିଛେଇ
ଖାସ୍ ମୋ ପାଇଁ ।

ମୋ ଲାଗି ସେ ଅପେକ୍ଷା
କରିଛି ବହୁ କାଳ,
ରୌଦ୍ରଦଗ୍ଧ ଦିପହରେ
ଘୋଡ଼ାଇ ଦେବାକୁ ମୋତେ
ନିବିଡ଼ କରି ତା'
ଛାଇ–ଆଲୁଅର ଚଦରରେ ।

ଜଳ-ବର୍ଷୀ ମେଘ ଦାଉରୁ
ମୋତେ ବଞ୍ଚାଇବ ବୋଲି
ତା ଶରୀରକୁ ନିବୁଜ କରି
ଛତା ହୋଇ ମେଲି ଧରିଛି
ମୋ ମୁଣ୍ଡ ଉପରେ କେତେ ଥର ।

Digitized by srujanika@gmail.com

ସକାଳେ, ଖରବେଳେ,
କିମ୍ବା ଶୂନ୍‌ଶାନ୍ ରାତିରେ,
ଘାଇଆଳ ଟୋକାର ବଂଶୀ ଶୁଣି
ଡାଳ ହଲଇ ହଲଇ
ବେତାଳିଆ ଥେଇ ଥେଇ
ନାଚିଛି ପାଗଳୀ ପରି,
ଖାଲି ମୋତେ ନାଚ
ଦେଖାଇବ ବୋଲି ।

ଅନେକ ବର୍ଷ ବିତିଗଲଣି,
କେତେ ବର୍ଷା, ଶରତ ଆଉ ଗ୍ରୀଷ୍ମ
ଛୁଇଁ ଗଲେଣି ତା ଜୀର୍ଣ୍ଣ ଦେହକୁ,
ସେ କିନ୍ତୁ ଠିଆ ରହିଛି
ପାହାଡ଼ ସାନୁରେ ସ୍ଥାଣୁ ପରି
ମୋ ବାଟକୁ ଅନାଇ ଅନାଇ
ଆଜି ବି,
ପବନରେ ତାର ଦୀର୍ଘଶ୍ୱାସ
ଭସି ଆସୁଛି
ଏତେ ଦୂରଯାଏ ।

□ □ □

Digitized by srujanika@gmail.com

ଫାଣ୍ଟମ୍

ଫାଣ୍ଟମ୍ ଆସିଛନ୍ତି ସହରକୁ,
ରାସ୍ତାରେ କୁକୁର 'ଡେଭିଲ୍'ର ଚିତ୍କାର ଶୁଭୁଛି ।
ସହରକୁ ପଶି ଆସିଛି ଆଦିମ ଅରଣ୍ୟ ।

ହୋଟେଲର କୋଠରୀରେ
ଜଳଦସ୍ୟୁମାନେ
ଅବଳା ନାରୀମାନଙ୍କୁ
ପଣ-ବନ୍ଦୀ ରଖିଛନ୍ତି ।
ସେମାନଙ୍କ କ୍ରନ୍ଦନ ଧ୍ୱନି ଭସି ଆସୁଛି ।

ସେ ଆଗେଇ ଆସୁଛନ୍ତି କ୍ରମଶଃ,
ଠକ୍, ଠକ୍, ଠକ୍ ତାଙ୍କ ଜୋତା
ଶବ୍ଦରେ ପ୍ରତଧ୍ୱନି ତୋଳି ।
ସହରକୁ ଫାଣ୍ଟମ୍ ଆସିଛନ୍ତି ।

ନିବିଡ଼ ଜଙ୍ଗଲ, ଆଉ 'କିଲଭଇ'ର
ସ୍ୱର୍ଣ୍ଣ ବାଲୁକା ଭେଦ କରି,
ନିଛାଟିଆ ଉପତ୍ୟକାରେ ଧୂଳିର ଝଡ଼
ଉଡ଼ାଇ, ଘୋଡ଼ା 'ହୀରୋ' ଦୌଡ଼ୁଛି କ୍ରମାଗତ,
ବାମନ ବସ୍ତିକୁ ଡେଇଁ
ଫାଣ୍ଟମ୍‌କୁ ଭେଟିବ ବୋଲି ।
ତା ନାକରୁ ବାହାରୁଛି ଗରମ ନିଃଶ୍ୱାସ ।

Digitized by srujanika@gmail.com

ସ୍ୱର୍ଣ୍ଣଲୋଭୀ ଶଇତାନମାନେ
ସାବଧାନ,
ତୁମେ ସବୁ ସୁନ୍ଦରୀ 'ଡାୟାନା'କୁ ଲୁଚାଇ ରଖି
ପାରିବନି ଆଉ ।

ସେ ଆସୁଛନ୍ତି-
ତାଙ୍କ ବଜ୍ର ମୁଷ୍ଟିରେ ଅମିତ ଶକ୍ତି
ଅଛି,
ସବୁ କଳୁଷ ନାଶ କରିବାର ସଙ୍କଳ୍ପ ନେଇ ।

ପାକୁଆ ବୁଢ଼ା 'ମଙ୍ଗ'କୁ ଏଥର
ଜହ୍ନ ଆଲୁଅରେ ବସି
ନୂଆ ଗପ ଫାନ୍ଦିବାକୁ ପଡ଼ିବ ।

---

*ହାତ-ଅନ୍ଧା କଳ୍ପ-କାହାଣୀର ନାୟକ : ଫାଣ୍ଟମ୍

Digitized by srujanika@gmail.com

୨୦

ତୁମ ଓଠରୁ ସବୁ ଧୂଳି
ପୋଛି ଦେବି ।
କିଛି ଦୂରତ୍ୱ
ଆଉ କିଛି ବିସ୍ମରଣର ମାଳିନ୍ୟ ।

ତୁମ ଓଠକୁ ପାଂଶୁଳ କରିଛି
ସମୟ ।
ସେ ସବୁ ବିଗତ ବର୍ଷମାନଙ୍କୁ
ଫାଶି ଖୁଣ୍ଟରେ ଟାଙ୍ଗି ଦେବି ।
ଗୋଟିକ ପରେ ଗୋଟିଏ ।

ତୁମ ଦେହରୁ ଉତ୍ସାରିତ
ଧୂପର ବାସ୍ନାକୁ
ମୁଠାଇ ନେବି ଦୁଇ ହାତରେ ।

Digitized by srujanika@gmail.com

ତୁମ ଆଖି, ଭ୍ରୂଲତା ଆଉ ପାପୁଲିକୁ
କୋମଳ କୋରକ ପରି
ଯତ୍ନରେ ସଜାଇ ରଖିବି
ସ୍ମୃତିର ଫୁଲଦାନୀରେ ।

ତୁମ ଓଠରେ ଲାଗିଛି
ଗୋଧୂଳିର ମ୍ଳାନ ଛାଇ,
ଅନ୍ଧାର ପରି ଅଲଗା ବାଳକୁ
ପୂର୍ଣ୍ଣ ଜୋଛନାରେ ଧୋଇ ଦେବି,
ମୁହଁରୁ ବୟସର ବୁଢ଼ୀଆଣୀ ଜାଲ
ପୋଛି ଦେବି ପ୍ରଗାଢ଼ ଚୁମ୍ବନରେ ।

ଦର ଆଉଜା ଓଠର କବାଟ
ଖୋଲି
ତୁମେ ଈଷତ୍ ହସିବ
ସେତେବେଳେ,
ନୀଳ ବିଷାଦକୁ ଭୁଲିଯାଇ ।

□ □ □

Digitized by srujanika@gmail.com

ମୃତ୍ୟୁ

ମୋ ଘରର ଝରକାକୁ
ମୃତ୍ୟୁ ଜଗିଅଛି ।
ଦୋମହଲା ପାହାଚରୁ
ଝୁଲୁଅଛି ମୃତ୍ୟୁର
ପିଚ୍ଛିଳ ଆମନ୍ତ୍ରଣ ।

ମର୍ମର ଚଟାଣ ଉପରେ
ମୃତ୍ୟୁ ବସି ରହେ,
ପ୍ରତୀକ୍ଷାରେ ଚୁପ୍‌ଚାପ
ଗାଧୁଆ ଘରର ।

ହ୍ରଦର ନୀଳିମାରେ ବାଜେ
ମୃତ୍ୟୁର ଲଳିତ ରାଗିଣୀ,
ଭୟଙ୍କର ମନୋହର
ନୀଳ ଜଳରାଶି,
ଆଶ୍ଳେଷରେ ଭିଡ଼ି ନେବ ବୋଲି ।

Digitized by srujanika@gmail.com

ମୃତ୍ୟୁ ଏକ ଡାକବାଲା,
ମଣିଷର ଜଙ୍ଗଲରେ
ମୋ ଠିକଣା
ଠିକ୍ ଖୋଜି ନେବ ।

ମୁଁ ଯଦି କ୍ରମାଗତ ଘର ବଦଳାଏ,
କିମ୍ବା ମୋ ଘରର
କବାଟରେ ଟାଙ୍ଗିଦିଏ
ଆଉ କାହା ଘରର ନମ୍ବର ?

ତଥାପି ସେ ଆଣିଦେବ
ଧୂସର ଲିପିରେ ଲେଖା
ଅନ୍ତିମ ପରଓ୍ୱାନା
ପରମ ଯତ୍ନରେ ।

□ □ □

Digitized by srujanika@gmail.com

ମଣିଷ

ସେଦିନ ମଣିଷ ଖୋଜିବା କଥା
ପଡ଼ିଥିଲା ଭିତରେ ଆମର ।

ଶାଗୁଆ ଧାନକ୍ଷେତ ଆଉ
ପାଉଁଶିଆ ପାହାଡ଼ ଡାଲୁରେ
ସେ ଯେଉଁ ସାନ କୁଡ଼ିଆଟି,
ତାରି ପିଣ୍ଡାରେ ଯେ ମଣିଷ
ମେରୁଦଣ୍ଡ ସଳଖି ଠିଆହୁଏ
ସେଇଛି ମଣିଷ
ଦୁର୍ଲଭ ଆଜିକାଲି ।

Digitized by srujanika@gmail.com

ଯିଏ ଆଚାର ବୋତଲରୁ
କାଢ଼ି ଆଣେ ସତତା, ଚରିତ୍ରବତା
ଇତ୍ୟାଦି ଯାବତ୍ ସଦଗୁଣ
ବ୍ୟବହାର କରିବ ବୋଲି ।
ଆଉ,
ଅକାତରେ ଭରିଦିଏ
ବାଚାଳତା, ମିଥ୍ୟାଚାର,
ବ୍ୟଭିଚାରୀ ମୁହୂର୍ତ୍ତମାନଙ୍କୁ
ସେହି ସବୁ ଖାଲି ବୋତଲରେ ।

ଏହି ସବୁ ନିରୁତା ମଣିଷଙ୍କ
ମରୁଡ଼ି ଭୟଙ୍କର ଆଜିକାଲି ।
ଗର୍ବିତ ପବନରେ ଶଠ ଆଉ ଧପ୍‌ପାବାଜ
ମଣିଷଙ୍କ ମଧ୍ୟବିତ୍ତ କୋଳାହଳ ଶୁଭେ ।

ସିଂହାସନରୁ ଦୂରରେ
ଚାଟୁକାରଙ୍କ ଭିଡ଼ରୁ ନିଜକୁ ବଞ୍ଚାଇ
ସେ ମଣିଷ ତୃପ୍ତି ପାଏ
ଶାଗ ଆଉ ବାସୀ ପଖାଳରେ ।

□ □ □

Digitized by srujanika@gmail.com

ସ୍ୱପ୍ନଭଙ୍ଗ

ସ୍ୱପ୍ନ ଭାଙ୍ଗିଗଲା,
ସୌଖୀନ୍ ଗ୍ଲା କପ୍ ପରି ।
ଏ ସବୁ ସ୍ପର୍ଶକାତର ସ୍ୱପ୍ନମାନଙ୍କୁ
ବଞ୍ଚାଇ ରଖିବା ବଡ଼ କଷ୍ଟକର ।

ସୁନେଲୀ ସ୍ୱପ୍ନର ବୋଇତରେ ବସି
ମୁଁ ଚାଲିଯାଏ ମୋ ପିଲାଦିନକୁ ।
କାଶତଣ୍ଡି, ଛିଣ୍ଡାମେଘ, ପ୍ରଜାପତି
ଆଉ ଶଙ୍ଖଚିଲର ଚିତ୍କାରରେ ଆକୀର୍ଣ୍ଣ
ସେହି ସବୁ ପିଲାବେଳ ।

ଉଡ଼ନ୍ତା କଙ୍କିର ଡେଣାରୁ
ଖସି ପଡ଼େ ପିଚ୍ଛିଳ ଖରା,
କୈଶୋରର ଇଲିଟ୍ରେନ୍ ଦୌଡ଼ିଯାଏ ଦିଗନ୍ତ ଆଡ଼କୁ

Digitized by srujanika@gmail.com

ବୁଢ଼ୀ ଅପ୍ସରୁଣୀ ଆଉ ରଜାପୁଅର
ଦେହର ବାସ୍ନାରେ ଜୁଡ଼୍‌ବୁଡ଼୍
ସନ୍ଧ୍ୟା ଘୋଟି ଆସେ,
ସୁତୀବ୍ର ଅନ୍ଧାରରେ ଛାଇମାନଙ୍କର
ଦୀର୍ଘଶ୍ୱାସ ପରି
ରହି ରହି ପବନ ବହେ ।
ଗହଳିଆ ବାଉଁଶ ବୁଦାରୁ
କେହି ଜଣେ କାନ୍ଦି ଉଠେ କଇଁ କଇଁ କରି ।

ସୁଖ ସବୁ ବୁଢ଼ା ହୋଇଗଲେ,
ଦେହରେ ମୋ ଶୀତ ଋତୁ
ପ୍ରବେଶିଲା ପରି ମନେ ହୁଏ ।
ତା ଚିହ୍ନ ସବୁ ଫୁଟି ଉଠେ ହାଡ଼-ପଞ୍ଜରରେ ।
ଭାଙ୍ଗିଯାଏ ଧୂଳି ଘର
ଧୂସର ସନ୍ଧ୍ୟାରେ ।

ହଜିଯାଏ ନୀଳ ପେଁକାଳୀ,
ଫାଟିଯାଏ ନାଲିଆ ବେଲୁନ,
ମହୁ ଆଉ ରହେ ନାହିଁ
ଫୁଲ ଶରୀରରେ ।
କେବଳ ପାଣ୍ଡୁର ଏକ ପୋକଖିଆ ଜହ୍ନ
ଲାଖିଥାଏ ଆକାଶ ଦେହରେ ।

□□□

Digitized by srujanika@gmail.com

ଗୋଲାପ ସୁନ୍ଦରୀ

ସବୁ ମହୁମାଛିଙ୍କି ଖବର ଦିଅ
ମୁଁ ଫୁଟିଛି ।
ପ୍ରତିଟି ପ୍ରଜାପତିକି କହି ଦିଅ
ମୋ ପରାଗ ଭିନ୍ନ ଅନ୍ୟ କାହା
ପରାଗ ନ ଛୁଇଁବାକୁ — ସାବଧାନ !

ଆଉ ହଁ, ଫୁଲଚୁଷି ଚଢ଼େଇ ବି
ଆସୁ ମୋ ମହୁ ଚାଖିବାକୁ ।
ମେଘକୁ କୁହ ବର୍ଷିବାକୁ
ଖୁବ୍ ଧୀରେ,
ନୋହିଲେ ମୋ ପାଖୁଡ଼ା ସବୁ
ନୁହୁଡ଼ି ପଡ଼ିବ ପରା !

ସବୁ ମାଳୀଙ୍କି ଡାକି ତାଗିଦ୍ କର
ସେମାନେ ତାଙ୍କ ଫୁଲଝାରି
ମରାମତ କରନ୍ତୁ ଭଲକରି,
ଭୁସ୍‌ଭସ୍ ପାଣି ଅଜାଡ଼ି
ମୋତେ ହନ୍ତସନ୍ତ ନ କରନ୍ତୁ ଜମା !

ଖରା ଟିକିଏ ମଉଳି ଯାଉ,
ଚିକ୍‌କଣ ପାଖୁଡ଼ା ଥରଉ
ମୁଁ ହସିବି ମନ ଖୋଲି,
ମୁଁ ଜାଣିଛି ମଳୟ ଆସିବାକୁ
ଆଉ ବେଶୀ ଡେରି ନାହିଁ ।

□ □ □

Digitized by srujanika@gmail.com

ଗଛ

ମୁଁ ଗୋଟାଏ ନିଷ୍ପତ୍ର ଥୁଣ୍ଟା ଗଛ,
ଠିଆ ହୋଇଛି ହାତ ଟେକି ଦିଗନ୍ତ ଆଡ଼କୁ !
ମୋ ଡାଳରେ ଚଢ଼େଇ ଆଉ ବସା ବାନ୍ଧିବେନି,
ମୋର ସମସ୍ତ ଚେର ଢୁଗୁଳି ହୋଇ ଆସୁଛି
ମାଟିରୁ କ୍ରମଶଃ ।
ମୋ ହାଡ଼ରେ ଶୀତ ଋତୁ
ପ୍ରବେଶ କରିଛି,
ମଜ୍ଜାରେ ମୋ ବାନ୍ଧିଛି ଘର
କାକର ଓ କୁହୁଡ଼ି ।

କେହି ଆଉ ମୋ ଛାଇରେ
ଗାମୁଛା ଉଡ଼ାଇ ଝାଳ ମାରିବେନି,
କିମ୍ବା ଛତା ପରି ମୋତେ ଆବୋରିବେନି
ବର୍ଷା ଦାଉରୁ ବଞ୍ଚିବାକୁ
କୌଣସି ପଥଗ୍ରାରୀ ।

ମୁଁ ଏକ ମୂର୍ତ୍ତ ପିପାସା ପରି ଡାଳ ମେଲି
ଦେଇଛି ମହାଶୂନ୍ୟକୁ ।
ମାଧ୍ୟାକର୍ଷଣ, ମମତା ଆଉ ଈର୍ଷା ପରି
ନିବିଡ଼ ସମ୍ପର୍କକୁ ଭୁଲି,
ତୋଫାନ, ଘଡ଼ଘଡ଼ି, ବର୍ଷା ପ୍ରଭୃତି
ଯାବତ୍ ଯନ୍ତଣାକୁ ଆଦରି ନେଇ
ମୁଁ କରଣ୍ଡି ହୋଇ ପଡ଼ିବି
ନିଷ୍ଠୁର ଭୂଇଁରେ ଅଗ୍ରନକ,
ଚିତ୍‌ପଟାଙ୍ଗ୍ ହୋଇ ।

□□□

Digitized by srujanika@gmail.com

ସ୍ୱର୍ଣ୍ଣ ଦିନ-ଲିପି

ଏ ଏକ ପୂର୍ଣ୍ଣତାର କାହାଣୀ,
ବିକଶିତ ହୋଇ ଉଠିବାର ପ୍ରକ୍ରିୟା ।
ଯେମିତି ଗୋଟାଏ ଗଛ
ଅଗ୍ରନକ ଦିନେ ଏକ
ବିଶାଳ ଫୁଲ ତୋଡ଼ାରେ
ପରିଣତ ହୁଏ ।

ଏ ସେହି ମାୟାବୀ ସକାଳର
ଗନ୍ଧ,
ଯେଉଁଠି ନିଃସୀମ ଯନ୍ତ୍ରଣା ବି
ପାଇଟିଯାଏ ତୀବ୍ରତମ ଆନନ୍ଦରେ ।
ଦଗ୍ଧ ଦିନ-ଲିପି ଭିତରୁ ଫୁଟି ଉଠେ
ଅଲୌକିକ ପ୍ରାପ୍ତିର ଆସ୍ୱାଦ ।

Digitized by srujanika@gmail.com

ଆଜି କାଲି ଗପ ନାହିଁ
ଗପ ଭିତରେ ।
ବହିର ଦୁଇ ମଲାଟ ମଝିରେ
ପୃଷ୍ଠା ସବୁ ଶୋଇଥାନ୍ତି
ଝାକିଝୁକି ହୋଇ ସମ୍ମୋହିତ ନିଶ୍ଚେତନତାରେ ।
ଏହି ସବୁ ପୃଷ୍ଠାମାନଙ୍କୁ ଉଜ୍ଜୀବିତ କରି
ପ୍ରାପ୍ତିର ରସାୟନରେ ବତୁରେଇ
ଜୀବନ୍ୟାସ ଦେବାକୁ ହେବ
ଆଜିର ଏ ସାର୍ଥକ ସକାଳରେ ।

ଯେଉଁ ବ୍ୟଥା ହୃଦୟକୁ ଦାନ୍ତରେ ଛିଣ୍ଡାଏ,
ଅଥବା,
ଫାଳ ଫାଳ କରି କାଟେ
ତୀକ୍ଷଣ କରତରେ ।
ସେହି ସବୁ ଯନ୍ତ୍ରଣାର କୀଟମାନଙ୍କୁ
ଅପ୍ରାପ୍ତିର ଖତଗଦା ଭିତରେ
ପୋତି ଦେଇ
ଜାଲ-ମୁକ୍ତ ଉଜ୍ଜ୍ୱଳ ମାଛ ପରି
ମୁଁ ପହଁରିବି ଜୀବନର ମଝି ଜୁଆରରେ ।

□ □ □

Digitized by srujanika@gmail.com

ପ୍ରାପ୍ତି

ଅନଳେ ରଖିଲି ହାତ,
ପୋଡ଼ିଗଲା ଦୁଇ କରତଳ ।
ଆଖିରେ ରଖିଲି ଆଖି,
ନେଣିଗଲା ଆଖିର କଜ୍ଜଳ ।

ଓଠରେ ରଖିଲି ଓଠ,
ପୋଛିଗଲା କଥାର ମୁଚ୍ଛଳ,
ଛାତିରେ ରଖିଲି ଛାତି,
ଭାଙ୍ଗିଗଲା ଛାତିର ବୁଦ୍ବୁଦ ।

ଉଡ଼ିଗଲେ ଶୁକ-ସାରୀ,
ଶୂନ୍‌ଶାନ୍ ହୃଦୟ ପିଞ୍ଜର,
ଦେହରେ ମିଶିଲା ଦେହ,
ଆଶ୍ଳେଷରେ ପୂରିଗଲା
ସବୁ ଗାଢ଼,
ସବୁ ଅପନ୍ତର
ଚରାଚରେ ବ୍ୟାପିଗଲା
ଅନଳେ ଅନଳ ।

□ □ □

Digitized by srujanika@gmail.com

ଉତ୍ତରାଧିକାର

କଣ ରଖିଯିବି
ଚନ୍ଦନ କାଠର ବାକ୍ସ,
ନୀଳ ଫୁଲଦାନୀ
ନିରୀହ ମୋ ଆତ୍ମକଥା
ପ୍ରବଞ୍ଚନାଭରା,
କିମ୍ବା କିଛି କାରୁକାର୍ଯ୍ୟ
ହାତୀଦାନ୍ତେ ଗଢ଼ା ?

ପୋକ-ଖିଆ ଜୀର୍ଣ୍ଣ ଶାଲ୍,
ଭଙ୍ଗା ଆଲମାରୀ, କଣ ହେବ ?
ଦଦରା କାନ୍ଥରେ ଦିଶେ ଅଶ୍ୱତ୍ଥର ଚେର,
ଦେଇଯିବି କିଛି ଅହଙ୍କାର, ଅଭିମାନ,
ପରମ ଯତ୍ନରେ ?

କଣ ନେବୁ କହୁନୁ କାହିଁକି ?
ଜୀବନର ଜଳଛବି
ସେ ତ ଲିଭିଯିବ,
ସ୍ମୃତୀବ୍ର ଅନୁରାଗ
ସେ ବି ମଉଳିବ ।
କହୁନୁ କାହିଁକି, କଣ ନେବୁ ବୋଲି ?

Digitized by srujanika@gmail.com

ବନ୍ଧୁଙ୍କ ତୁଳନାରେ ମୋ ଜୀବନ
ଫିକା ପଡ଼ିଯାଏ,
ପାହାଚ ପାହାଚ ହୋଇ ସାଫଲ୍ୟର ସିଡ଼ି
କ୍ରମାଗତ ଲମ୍ବିଅଛି ଊର୍ଦ୍ଧ୍ୱକୁ କେବଳ ।
ସେମାନେ ସେ ସବୁକୁ
ଟପିଛନ୍ତି ଖୁବ୍ ସହଜରେ ।
ଯଦିଓ ମୁଁ ପରିଶ୍ରମୀ,
ନିଷ୍ଠାରେ ମୋ ଏକାନ୍ତ ଅଭାବ,
ସାପ-ସିଡ଼ି ଖେଳରେ ମୁଁ
ଓହ୍ଲାଇ ଆସିଛି ଖାଲି
ସାପର ଲଙ୍ଗୁଡ଼ ଧରି,
ପ୍ରଥମ ଛକରେ ।

ଦେଇଗଲି କେତୋଟି କବିତା,
ରକ୍ତର ଅକ୍ଷରେ ଲେଖା
ଅନ୍ତରଙ୍ଗ ମୁହୂର୍ତ୍ତ ଯେତେକ ।
ନିଭୃତ ସେ ଅନୁଭୂତି
ଅନ୍ଧାରରେ ଜଳୁଥିବ
ସ୍ନିଗ୍ଧ ଦୀପଶିଖା ।

ଧୂଳି ଜମେ ଚଷମା କାଚରେ
ତୁ କଣ ପାରିବୁ ପୋଛି
ଯତ୍ନ କରି ମଖମଲ କନାରେ
ସେହି ଧୂଳି, ସେହି ଆବର୍ଜନା ?

□ □ □

Digitized by srujanika@gmail.com

ପ୍ରତ୍ୟାବର୍ତ୍ତନ

ମୁଁ ପୁଣି ଆସିବି ଫେରି
ଘୋର ବର୍ଷାରେ ।
ଯେତେବେଳେ ବାଟ-ଘାଟ
ଏକାକାର କାଦୁଅ-ପଙ୍କରେ,
ଯେତେବେଳେ ସୁଅ ଛୁଟେ
କଲ୍ଲୋଳିନୀ ନାଳ-ନର୍ଦ୍ଦମାରେ ।

ମୁଁ ଆସିବି ଫେରି ଫେରି
ଗଡ଼ିଗଡ଼ି ଗଡ଼ଗଡ଼ିଆରେ ।
ମହାନଦୀ ସନ୍ଧ୍ୟାକୋଳେ
ଭଙ୍ଗୁଛି ଅଳସ ।
ଶୀତର ପହଡ଼ ସାରି
ନଈପଠା କାଶତଣ୍ଡୀ
ଅଗ୍ରନଳ ଟେକିଁ ଉଠେ
ମଙ୍ଗଳ ଆଳତି ଶୁଣି
କଟକ ଚଣ୍ଡୀର ।

ଜହ୍ନର ନିୟନ୍ ଜାଳି
ସତୀ ଚଉରରେ,
କଟକ ସହର ସାଜେ
ନାଇଲନ୍ ଫୁଲ ଖୋସି
ଜଟିଳ ଗଭରେ ।

Digitized by srujanika@gmail.com

ମୁଁ ଯଦି ଆସିବି ଫେରି
ଖାଇବାକୁ ଦହିବରା,
ଆଲ୍ଫ୍ରେଡ୍‌ମ୍. ପାର୍କ ସାମ୍ନାରେ ।
କାଗଜ-ଗୋଟାଳି ଭିଡ଼,
ବରଯାତ୍ରୀ ପଟୁଆର,
ମଟର ଗାଡ଼ିର ଭେଁ,
ମାରବାଡ଼ି ପଟି ଷଣ୍ଢ
ନିଶ୍ଚିନ୍ତ ରୋମନ୍ଥନରେ ।

ସବୁକୁ ଉପେକ୍ଷା କରି
ବିଶେଷରେ ବୁଜ ବୁବୁରକୁ,
ମାଇଚିଆ ଭିଡ଼ ଠେଲି,
ଟାଉନ ବସ୍‌ରେ ବସି
ସିଧା ଯାଇ ପହଞ୍ଚିବି
ବାଦାମବାଡ଼ିରେ ।

ଭଲପାଇ ଥିଲି ବୋଲି
ଆପଣାର ନିବିଡ଼ ରକ୍ତରେ, କଟକକୁ,
କାଠଯୋଡ଼ୀ କୂଳେ କୂଳେ
ଆଜିବି ଫୁଟୁଛି ବଉଳ ।
ନଈ ବନ୍ଧ କଡ଼େ କଡ଼େ
ଜଗି ରହେ ବାଇମୁଣ୍ଡି,
ଫେଣ୍ଟା ଫେଣ୍ଟା ଧବଳ ଟଗର
ରକ୍ଷାକରେ ଶେଷ ତୀରନ୍ଦାଜ ।

□□□

Digitized by srujanika@gmail.com

ରବୀନ୍ଦ୍ରନାଥ

ପୃଥିବୀର ଯେଉଁଠି ସୂର୍ଯ୍ୟାଲୋକ
ଆପଣ ସେଠି ଆସି ଠିଆ ହୁଅନ୍ତି,
ସୂର୍ଯ୍ୟଙ୍କୁ ଆଢୁଆଳ କରି,
ବିଗଟ ମହୀରୂହ ପରି
ଓହଳ ସବୁ ଲମ୍ବାଇ ଦେଇ
ଭୂଇଁକୁ ।

ପୃଥିବୀର ଯେଉଁଠି ଜହ୍ନର ଆଲୁଅ
ଆସି ପଡ଼େ,
ସେଠି ଆପଣଙ୍କ ଆରାମ ଚୌକି
ଆଗକୁ ଥୋଇଛନ୍ତି ଆପଣ,
ହାତରେ ମଲ୍ଲୀମାଳ ଗୁରେଇ ।

ଆଉ,
କବିତା, ସାହିତ୍ୟ, ଈଶ୍ୱର ପ୍ରଭୃତି
ଯାବତୀୟ ବିଷୟରେ ଆପଣଙ୍କ ଶାଣିତ
ସବୁ ଉକ୍ତି

Digitized by srujanika@gmail.com

ଯାହାଙ୍କୁ ଏବେବି ଲୋକେ ଉଦ୍ଧାର
କରୁଛନ୍ତି ଅନବରତ ।
ଜନ୍ମ, ମୃତ୍ୟୁ, ବିବାହର
ପ୍ରଧାନ ଋତ୍ୱିକ ତ ଆପଣ !
ବେଳେବେଳେ ଆପଣ ଗୀତ ବି
ବୋଲନ୍ତି,
ଆନୁନାସିକ ନାରୀ କଣ୍ଠରେ,
ଶୁଭ୍ର ଦାଢ଼ି ଆନ୍ଦୋଳିତ କରି ।

ସବୁ ଗଜଗ ମାଳ ଆପଣଙ୍କ
ବେକରେ କାହିଁକି ?
ମୋଠୁଁ ଆଗରୁ
ପୃଥିବୀକୁ ଆସିଛନ୍ତି
ଏହି ଅଧିକାରରେ କେବଳ ?
ସମଗ୍ର ଋତୁଚକ୍ରକୁ ପରିକ୍ରମା କରି
ଗ୍ରୀଷ୍ମ, ବର୍ଷା, ଶରତ, ହେମନ୍ତ, ଶୀତ
ଆଉ ବସନ୍ତକୁ ଛୁଇଁଛନ୍ତି
ପରମ ମମତାରେ ଆପଣ !

ଯେତେବେଳେ ମୁଁ ଦେଖିବସେ
ଆପଣଙ୍କ ଅଲୌକିକ ଉପସ୍ଥିତି
ମୋତେ ଚମକାଇ ଦିଏ ।
ମୋ ପଛରେ ଗୋଡ଼ାଏ ।
ଆପଣଙ୍କର ଛାଇ କ୍ରମାଗତ ।
ମୋ ଚୌକି ଆପଣ ମାଡ଼ି ବସିଛନ୍ତି
କାହିଁକି ? ଉଠନ୍ତୁ ।

Digitized by srujanika@gmail.com

ଦୟାକରି ମୋତେ ମୁକ୍ତି ଦିଅନ୍ତୁ,
ସିନ୍ଦବାଦ ଗପର ବୁଢ଼ା ପରି
ମୋ କାନ୍ଧରେ ଆଉ ସବାର ହୁଅନ୍ତୁନି ।

ମୋତେ ଭେଟିବାକୁ ଦିଅନ୍ତୁ
ମୋ ପରି,
ଆପଣ ଦଣ୍ଡେ ବାରଣ୍ଡାରେ
ଅପେକ୍ଷା କରନ୍ତୁ ତ,
ମୋର ସନିର୍ବନ୍ଧ ଅନୁରୋଧ ଏତିକି ।

ମୁଁ ଭେଟିସାରେ
ଆପଣ ପୁଣି ଆସିବେ
ସ୍ୱଚ୍ଛନ୍ଦରେ ଏ ଘରକୁ, ।

□ □ □

Digitized by srujanika@gmail.com

ଶେଷ ଅଶ୍ୱାରୋହୀ

ସବୁ କିଛି ଭାଙ୍ଗିଯାଏ
ଝଣ ଝଣ୍ ଶବ୍ଦ କରି ।
ହୃଦୟର ଉପକଣ୍ଠ
ଭରିଯାଏ ମୁନିଆଁ କାଚରେ ।
ଖସି ପଡ଼େ ହାତରୁ ଲଗାମ
ଭଗ୍ନ-ଜାନୁ ଅଶ୍ୱାରୋହୀ
ରଣ କ୍ଳାନ୍ତ ହୋଇ
ଫେରି ଆସେ ।

ରଥର ଘର୍ଘର ଧ୍ୱନି,
ଅଶ୍ୱର ହ୍ରେଷା ଆଉ
ଟାପୁର ଠକ୍ ଠକ ଶବ୍ଦ,
ସୁତୀକ୍ଷ୍ଣ ତୀରର ଉତ୍ଥାନ;
ସବୁ କିଛି ମିଶିଯାଏ
ଦୂରରୁ ଦୂରକୁ ।

Digitized by srujanika@gmail.com

ପଡ଼ି ରହେ ଶୂନ୍ୟ ତୂଣୀ,
ବର୍ମ ଫାଳ ଫାଳ
ଦୀର୍ଣ୍ଣ ଜୀର୍ଣ୍ଣ ତାଇ,
ସୁନିପୁଣ ଚକ୍ରବ୍ୟୂହ
ଖୋଲିଯାଏ ଅମୋଘ ମନ୍ତ୍ରରେ ।

ଗୋଧୂଳିର ରକ୍ତ ଆଲୋକରେ
ଫେରି ଆସେ ପଦାତିକ
ଶେଷ ଅଶ୍ୱାରୋହୀ ।
ଚୂର୍ଣ୍ଣ କରି ଯାଉଅଛି ଗ୍ଲାନି
ରଥଚକ୍ର ପଞ୍ଜର ହାଡ଼କୁ ।
ଅସ୍ଥି-ମଜ୍ଜା, କିଛି ଅନୁଭବ,
ସବୁକୁ ମଥିତ କରି
ଯାଉଅଛି ଗ୍ଲାନି
ରଥଚକ୍ର ଘର୍ଘର ରବରେ ।

ପଡ଼ି ରହେ ଭଗ୍ନ ତରବାରୀ,
ଖସି ପଡ଼େ ଶିରସ୍ତାଣ, କବଚ-କୁଣ୍ଡଳ,
ଗୋଡ଼ରେ ରେକାବ ନାହିଁ,
ଅଶ୍ୱ କାହିଁ ?
ଅଶ୍ୱ ଯାଇ ମିଶିଲାଣି
ଦିଗନ୍ତ ଦେହରେ ।

□ □ □

Digitized by srujanika@gmail.com

ବାସ୍ନା

ବାସ୍ନା ଅଛି ସକାଳ ଫୁଲରେ ।
ବଉଳକୁ ମାଗିଲେ ସେ
ଫୁଲ କୁଢ଼େଇ ଦିଏ ।
ଭୂଇଁରେ ଫୁଟି ଉଠେ
ଶୁଭ୍ର ତାର ଆଞ୍ଜୁଳାଏ ।
କୋଇଲି ଉଡ଼ିଯାଏ ଅଗ୍ନନକ
ଗଛରୁ ଗଛକୁ ।

ବାସ୍ନା ଅଛି ଶୈଶବରେ,
ପ୍ରଜାପତି ଉଡ଼ି ଆସେ ନିତି,
ନାଲି-ନେଳି ବେଲୁନ ଭିତରେ
ଲୁଚିଥାଏ ନିଭୃତ ସୁରଭି ।
ବାଜି ଉଠେ ସ୍ମୃତିର ଝେଁକାଜି
ସୁତୀବ୍ର ବାସ୍ନା ରହେ
ମାଞ୍ଜାଦିଆ ଗୁଡ଼ିର ସୂତାରେ ।

Digitized by srujanika@gmail.com

ନାରୀର ବି ବାସ୍ନା ଅଛି
ବାସ୍ନା ଥାଏ ଓଠ ପାଖୁଡ଼ାରେ ।
ହାତର ପାପୁଲି ବାସେ
ପଦ୍ମଗନ୍ଧ ଢାଳି ଦେଇ ଯୋଜନ ଯୋଜନ ।
ବାସ୍ନଥାଏ ସ୍ତନ ସନ୍ଧି ଛାତିର କୋଡକ
ସବୁବେଳେ ।

ବାସ୍ନା ଉଠେ ହୃଦୟ ପୋଡ଼ିଲେ,
ଧୂପର ଧୂଆଁ ପରି ମୋଡ଼ି ମୋଡ଼ି
ବାସ୍ନାର କୁଣ୍ଡଳୀ
ବ୍ୟାପିଯାଏ ଚରାଚରେ
ଖୁବ ଧୀରେ ଧୀରେ ।

ଅସରାଏ ବର୍ଷା ହେଲେ
ପୋଡ଼ା ଭୂଇଁ ଭରିଯାଏ
ଅପୂର୍ବ ବାସ୍ନାରେ ।
ସ୍ମୃତିରେ ମହକେ ବାସ୍ନା,
ଜୀବନକୁ ବାସ୍ନା ଖୋଜି
ପାଇବାକୁ ହେଲେ,
ମରି ହୁଏ ବିବିଧ ମରଣେ ।

❑ ❑ ❑

Digitized by srujanika@gmail.com

ସ୍ୱପ୍ନର ଆୟୁ

ସ୍ୱପ୍ନର ଆୟୁ କେତେ,
ଗୋଟିଏ ବର୍ତ୍ତୁଳ, ସମ୍ପୂର୍ଣ୍ଣ ସ୍ୱପ୍ନର ?
ଯେଉଁ ସ୍ୱପ୍ନ ପାହାନ୍ତିଆ ପବନରେ
ପହଁରି ପହଁରି,
ଓହ୍ଲାଇ ଆସେ କୁଆଁତର ଗର୍ଭରୁ
ସିଧାସଳଖ ଏ ଧୂଳି ମାଟିର ପୃଥିବୀକୁ ?

କବି କିଛୁ ସ୍ୱପ୍ନ ଦେଖିବେ ବୋଲି
ନିଜକୁ ପ୍ରସ୍ତୁତ କରୁଥିଲେ
ଅନେକ ଦିନୁଁ ।
ସଫଳ ଏବଂ ରଙ୍ଗିନ୍ ଏକ
ବିରଳ ସ୍ୱପ୍ନ,
କେତୋଟି ମୁହୂର୍ତ୍ତ ପାଇଁ ।

Digitized by srujanika@gmail.com

ବରଗଦ ଡେଲେ ସବୁବେଳେ
ସ୍ୱପ୍ନ ଆସେ ନାହିଁ ।
ଅନେକ ନିଷିଦ୍ଧ କବାଟ, କଣ୍ଟାତାର, ଅନ୍ଧଗଳି,
ଅର୍ଗଳି ଖୋଲିବାକୁ ପଡ଼େ ସ୍ୱପ୍ନକୁ ।

ସ୍ୱପ୍ନ ଆସେ ବେଳେ ବେଳେ
ଦୀର୍ଘ ପ୍ରତୀକ୍ଷାରେ
ଅକସ୍ମାତ୍, କଦବା କ୍ୱଚିତ୍ ।

କବିର ଛାତିକୁ ଚିରି ଫାଳ ଫାଳ କରି,
ଅଶ୍ରୁ ପତନର ଶବ୍ଦ ମାପି ମାପି
ସ୍ୱପ୍ନ ଆସେ ଦିନେ ଦିନେ ।
ପୋଡ଼ି ଦେଇ ସ୍ୱପ୍ନର ଫସିଲ,
ପୁଣି ଏକ ନୂଆ ସ୍ୱପ୍ନ ବୁଣିବାକୁ,
ଢ଼ାଳିବାକୁ ସ୍ୱପ୍ନର ସୁରଭି ।

□□□

Digitized by srujanika@gmail.com

ଆରବ୍ୟ ରଜନୀର ଗଳ୍ପ
ଅଥବା
ଦିନେ ଅକସ୍ମାତ

ଆପଣ ବିଶ୍ୱାସ କରନ୍ତୁ ବା ନ କରନ୍ତୁ,
ଦିନେ ମୋ ଘର ଭିତରକୁ
ଉଦ୍‌ବେଳ, ଫେନିଳ, ଗର୍ଜମାନ
ଏକ ସମୁଦ୍ର ପଶି ଆସିଲା ।

ମୋତେ ଖଟରୁ ଉଠିବାକୁ
ନ୍ୟୂନତମ ସୁଯୋଗ ନ ଦେଇ
ଆପ୍ଳୁତ କରି ଦେଲା ମୋତେ ଢେଉରେ ଢେଉରେ ।
ମୁଁ ସମ୍ପୂର୍ଣ୍ଣ ଅଣନିଃଶ୍ୱାସୀ ହୋଇ ପଡ଼ିଲି
ଦସ୍ୟୁ ଢେଉର ହାବୁକାରେ ।

ମୋ ବିଛଣା ଓଦା ସରସର,
ତକିଆ, ରେଜେଇ, କନ୍ଥା ସବୁ ନଷ୍ଟ
ହୋଇଗଲା ପାଣିରେ ତିନ୍ତି ।
ଆଇଁଷିଣିଆ ଲୁଣି ଗନ୍ଧରେ
ମୋ ଅଗଣା, ବଗିଚା ସବୁ ପୂରିଗଲା ।
ମୁଁ ଅବାକ ହୋଇ ଦେଖିଲି,
ମୋ ଶୋଇବା ଘର ସାଲୁବାଲୁ କରୁଛି
ସାନ ସାନ ଅଜସ୍ର ନାଲି କଙ୍କଡ଼ାରେ ।

Digitized by srujanika@gmail.com

ବିଶ୍ୱାସ କରନ୍ତୁ ବା ନ କରନ୍ତୁ ଆପଣମାନେ
ଅଗ୍ନନକ ଦିନେ
ମୋ ଶୋଇବା ଘରର ଝରକାବାଟେ
ପଶି ଆସିଲା ଗୋଟାଏ ପ୍ରବଳ ଘୂର୍ଣ୍ଣିଝଡ଼,
ସବୁ କିଛି ଛିନ୍ନଭିନ୍ନ କରି,
ଝରା ପତର, ଛିଣ୍ଡା କାଗଜ, ଆଉ ଧୂଳିରେ
ଆଚ୍ଛନ୍ନ କରି ଦେଲା ମୋ ଘର ।

ଝଡ଼ ଥମିଗଲା ପରେ ଦେଖିଲି,
ମୋ ଜୀବନଟା ଓଲଟପାଲଟ
ହୋଇ ଯାଇଛି ଏକାବେଳକେ ।

ତୃତୀୟ ଘଟଣାଟା ଘଟିଲା, ଏବେ ଖୁବ ନିକଟରେ ।
ଅବଶ୍ୟ ବିଶ୍ୱାସ କରିବାଟା କଷ୍ଟକର ହେବ
ଆପଣଙ୍କ ପକ୍ଷରେ, ମାନୁଛି ।
ହଠାତ୍ କାନ୍ଥ ଫୁଟେଇ ପଶି ଆସିଲା
ଚଳନ୍ତା ଗୋଟାଏ ପୂରା ରେଳଗାଡ଼ି ଘର ଭିତରକୁ ।
କାଚ ଝରକା ସବୁ ଥରି ଉଠିଲା
ଝଣ ଝଣ କରି ତୀବ୍ର ହୁଇସିଲରେ ।
ଖଟଟା ଖଣ୍ଡ ଖଣ୍ଡ ହୋଇ
ଛିଟକି ପଡ଼ିଲା ଇତସ୍ତତଃ ।
ତକିଆ ଆଉ ଲେଦର ଛିଣ୍ଡା ତୁଳାରେ
ଘର ଭର୍ତ୍ତି ହୋଇଗଲା ।

Digitized by srujanika@gmail.com

ସାରା କୋଠା ଦୁଲୁକୁଛି
ଭୂମିକମ୍ପ ହେଇ ନା କଣ ?
ପ୍ରଚଣ୍ଡ ଶବ୍ଦରେ ସାରା ଦୁନିଆଁ
ଉଠୁଛି କି ପଡ଼ୁଛି !

ଠିକ୍ ଏତିକିବେଳେ ନୀଳ ରଙ୍ଗର
ଲଣ୍ଠନ ହାତରେ
ଠିଆ ହେଲେ ଆସି
ଗାର୍ଡ ସାହେବ । ପଚାରିଲେ,
"ଟିକଟ କାଟିଛ ?"

ଟ୍ରେନ୍‌ର ଘର୍ଘର ଶବ୍ଦ ଅତିକ୍ରମ
କରି
ଆର୍ତ୍ତ କଣ୍ଠରେ କହି ଉଠିଲି,
"ଟିକଟ କଟା ହୋଇ ନାହିଁ ।
ଏ ଯାଏଁ ।"

□ □ □

Digitized by srujanika@gmail.com

ଯାତ୍ରା

ମୁଁ ଦିନେ ଚାଲିଯିବି
ସବୁ କିଛି ଛାଡ଼ି ଦେଇ,
ଫେରିବିନି, ଛାଇ ଲେଉଟିଲେ ।
ପାଣି ବିନା ଝାଉଁଳିବ
ରଜନୀଗନ୍ଧା, ସିମେଣ୍ଟ ଟବ୍‌ରେ ।
ଅନାବନା ଘାସରେ ପୂରିଯିବ
ବଗିଚାର ସବୁ ଚଉତରା,
ଫୁଲ ଆଉ ଫୁଟିବନି ମାଧବୀ ଲତାରେ ।

ଏ ପୃଥିବୀ ଛାଡ଼ିଯିବି ଦିନେ,
ମାୟାବୀ ଏ ସୂର୍ଯ୍ୟାଲୋକ
ଛାଇ ଦୀର୍ଘ ହେଲେ,
ମା'ର ସ୍ନେହ ପରି କୋମଳ
ଚେନାଏ ଆଲୁଅ
ଲାଖିଥାଏ ପାହାଡ଼ ଚୂଡ଼ାରେ ।

Digitized by srujanika@gmail.com

ତରଳ ପାରଦ ଝରେ ନୀଳ ଆକାଶରୁ
ଜାଗି ଉଠେ ଜହ୍ନର କରେଟୀ,
ଅଲୌକିକ ଜୋଛନାରେ ଭରିଯାଏ
ସବୁଜ ବନାନୀ ।
ମୁଁ କିନ୍ତୁ ରହିବିନି
ଦେଖିବାକୁ ଏ ସବୁ ନିସର୍ଗ,
ଆଉ କେବେ ହେଲେ ।

କଣ ହେବ ଦୀପ ନିଭିଗଲେ ?
ନିଭିବା ଆଗରୁ କିନ୍ତୁ ଚାଲିଯିବା ଭଲ ।
ପଡ଼ି ରହୁ ଟେବୁଲରେ ଶୂନ୍ୟ ଫୁଲଦାନୀ,
ଧୂମାୟିତ ଚାହା କପ୍ ... ସେ ବି ପଡ଼ି ରହୁ
ଶୁଖିଯାଉ କଲମରୁ କାଳି,
ଚୁପ୍‌ଚାପ୍ ଶୋଇ ରହୁ ପ୍ରିୟ ହାତ-ଘଡ଼ି,
ସୁନାର ବୋତାମ ।

ଚାଲିଯିବା ଭଲ ହେବ
ସମୟ ଆଗରୁ,
ଡାକ-ବାକ୍ସ ଖାଲି ପଡ଼ିଥିବ ।
ଅଙ୍ଗୁଳି ଛୁଆଁଏ ନାହିଁ
କେହି ହେଲେ କଲିଂ-ବେଲରେ ।
ଘରର କଣରେ ଠିଆ
ବେତବାଡ଼ି ଗୋଟାଏ ଗୋଡ଼ରେ,
ଦଣ୍ଡିତ ସ୍କୁଲ ପିଲ ପରି ।
ପାହାଡ଼ରେ ପାଦ ଶବ୍ଦ
ଆଉ ଶୁଭେ ନାହିଁ,
ଘୁଣ ଧରେ ଆଗମ-ଚୌକିରେ ।

□ □ □

Digitized by srujanika@gmail.com

ନିଦାଘ

ଆକାଶଟା ଜଳୁଛି ହୁତ୍ ହୁତ୍ ହୋଇ
ଝରି ପଡ଼ୁଛି ଖଣ୍ଡ ଖଣ୍ଡ ଅଙ୍ଗାର ।
କେଉଁଠି ଟିକେ ହେଲେ ଛାଇ ନାହିଁ,
ଗଛ ତଳର ଆଶ୍ରୟ ବି
ଘୁଞ୍ଚି ଘୁଞ୍ଚି ଯାଉଛି
ଦିଗନ୍ତ ଆଡ଼କୁ କ୍ରମାଗତ ।

ବର୍ଷା ଦେ, ଛାଇ ଦେ,
ବୋଲି ଆକାଶକୁ ମାଗିଲେ
ସେ ତାର ଆରକ୍ତ ଆଖି
ମେଲି ଦେଖୁଛି ଅପଲକ ।
ନିଃଶ୍ୱାସରୁ ତାର ବାହାରୁଛି ନିଆଁ,
ଝଡ଼ୁଛି ଭର୍ତ୍ସନା ପରି
ସ୍ଫୁଲିଙ୍ଗ କେବଳ ।

Digitized by srujanika@gmail.com

ବିବସ୍ତ୍ର ଆକାଶ ଦେହରେ
ଆଉ କିଛି ଆଢ଼ୁଆଳ ନାହିଁ,
ଜଟା-ଜୁଟ ଖୋଲି ଦେଇ
ଠିଆ ହୋଇଛି ଏକ
ନଗ୍ନ ତାମ୍ରବର୍ଣ୍ଣ ପିଙ୍ଗଳ ପୁରୁଷ,
ଭସ୍ମବୋଳା ରୁଦ୍ର ସନ୍ନ୍ୟାସୀ ।

ଉଡ଼ୁନାହିଁ କେଉଁଠି ବି ଏକୁଟିଆ
ଦିଗ୍‌ଭ୍ରାନ୍ତ ଚିଲ ।
ଫଟାଭୂଇଁ ପଡ଼ି ରହିଛି
ଚିତ୍‌ ହୋଇ ଉପରକୁ ଆଁ କରି ।

ସ୍ୱେଚ୍ଛାଗ୍ରଗର ଗୋପନ ଗ୍ରନ୍ଥି ଖୋଲି
ପ୍ରକୃତି ମାତିଛି ଏକ ମରଣ ତାଣ୍ଡବରେ ।
ସବୁଜ ତୃଣଭୂମି ପୋଡ଼ି ଛାରଖାର
ମରୁଡ଼ିର କରଳ ଛାଇ ମାଡ଼ି ଆସୁଛି,
ଗୋଲାପ ଶୁଖି ପାଉଁଶ ।

ଉଦ୍ଭିଦ ସମାଜରେ ଭଟେଣି
ପଡ଼ି ଗଲଣି ।
ମେଘ ନାହିଁ, ବର୍ଷା ନାହିଁ,
ବାଜୁ ନାହିଁ ବର୍ଷାର ଘୁଙ୍ଗୁର
ଭଙ୍ଗା ଦଦରା ଟିଣ ଛାତ ଉପରେ
ଥାଳି ବି ।

□□□

Digitized by srujanika@gmail.com

ଅବରୋହଣ

ଏଥର ଓହ୍ଲାଇବା ପାଳି,
କ୍ରମଶଃ ଉତ୍ତୁଙ୍ଗ ମୁହାଁଣ ଆଡ଼କୁ ।
ଖାଲ ଢିପ, ବନ୍ଧୁର ଓ
ନିମ୍ନଗାମୀ ଢାଲୁ ଉପତ୍ୟକା,
ସବୁକୁ ଅତିକ୍ରମ କରିବାକୁ
ହେବ ସୁକୌଶଳେ ।
ପାହାଡ଼ର ସାବଲୀଳ ଢାନ୍ତୁ,
ଶିର ଓ ପ୍ରଶିର ।

ପୃଥିବୀର ସବୁ ଗତି,
ପୃଥିବୀର ସବୁ ତାତି,
ପୃଥିବୀର ସବୁ ଦିନ,
ପୃଥିବୀର ସମସ୍ତ ବସନ୍ତ,
ପୃଥିବୀର ଭେକ-ଶୋଷ,
ଯାବତୀୟ ଚତୁର ବିକ୍ରମ,
ଭୁଲିବାକୁ ହେବ କିନ୍ତୁ
ସବୁଦିନ ଲାଗି ।

Digitized by srujanika@gmail.com

ଯାଯାବର ହଂସଗଛୀ ପରି,
ପୃଥିବୀର ସବୁ ଶସ୍ୟକଣା,
ପୃଥିବୀର ମଧୁର ଆବେଶ,
ଥଣ୍ଡରେ ଖୁଣ୍ଟି ଖୁଣ୍ଟି
ସମଗ୍ର ସୁଖ ଓ ଦୁଃଖକୁ,
ମେଲିବାକୁ ହେବ ଶୁଭ୍ର ଡେଣା ।

ଏଥର ଓହ୍ଲାଇବା କଥା
ଚୂଳରୁ ମୂଳକୁ ।
ଶିଖରରୁ ପାଦଦେଶ,
ପିଚ୍ଛିଳ ଗିରିପଥ,
ପାରି ହୋଇ ଦୀର୍ଘ ଅପରାହ୍ଣ ।

ଗୋପନୀୟ ସମସ୍ତ ଶପଥ
ଭୁଲିଯାଇ,
ଗୋଡ଼ ଖସି ପଡ଼ିବାକୁ ହେବ
ଦ୍ରାବିଡ଼ ମୃତ୍ତିକା ଉପରେ, ଏଥରକ ଶେଷ ଉତ୍ତରଣ ।

□ □ □

Digitized by srujanika@gmail.com

ଅଭିସାର

ଗୋଧୂଳି ଆଉ ଟିକିଏ ବିଳମ୍ବିତ ହେଉ,
ଆଉ ଟିକିଏ ହେଉ ବର୍ଣ୍ଣାଢ୍ୟ ଓ ଦୀର୍ଘ
ପଶ୍ଚିମ ଦିଗନ୍ତର ସୂର୍ଯ୍ୟାସ୍ତ ।
ନିର୍ମେଘ ଆକାଶରେ
ଉଦ୍‌ଭାସିତ ହେଉ ଜହ୍ନ,
ପୂର୍ଣ୍ଣ ଗରିମାରେ ।

ଯଦି କେହି ଜଣେ ନାରୀ
ଆଜି ଜୀବନରେ
ପ୍ରବେଶ କରନ୍ତି,
ଏ ବଡ଼ ଉଲ୍ଲସିତ ବେଳା
ମୋ ପାଇଁ,
ପବନ ବି ଅନୁକୂଳ ବହୁଛି ।

Digitized by srujanika@gmail.com

ମୁଁ ଜାଣେ ଆଁ କରି ଜହ୍ନ ଗିଳି
ପେଟ ପୂରେ ନାହିଁ,
ଅଥବା,
ରଚି ପାରେ ନାହିଁ,
ଖାଇବାରେ ତାର ଗଣି ଗଣି ।

ଅଭିସାର ଜମେ ଭଲ
ନିର୍ଜନ ଅନ୍ଧାର ରାତିରେ ।

ତଥାପି ଜାଣି ଶୁଣି,
ଅସ୍ତବ୍ୟସ୍ତ ବେପଥୁ ମନକୁ
ଶାସନରେ ଆଣିବାକୁ
ବନ୍ଧୁର ସର୍ପିଳ ଗଳି;
କରିବାକୁ ସୁପ୍ରଶସ୍ତ,
କିଞ୍ଚିତ୍ ସୁଗମ,
ଆକାଶରେ ଜାଳି ରଖିଅଛି
ତାଙ୍କ ପାଇଁ ଜହ୍ନର ନିୟନ୍
ବଗିଚ୍ଚାରେ ଫୁଟିଅଛି ରକ୍ତାକ୍ତ କରବୀ ।

□ □ □

Digitized by srujanika@gmail.com

ଜହ୍ନ

ମୁଁ ଜହ୍ନକୁ ଦେଖିଛି ।
ଅଥବା ଦେଖି ନାହିଁ ଆଦୌ,
ନିଠେଇ କରି ଦେଖୁ ଦେଖୁ
ଜହ୍ନ ବୁଡ଼ି ଯାଇଛି
ଅତଳ ଅନ୍ଧାରରେ,
ତାକୁ ଭଲ କରି ଚିହ୍ନିବାକୁ
ସୁଯୋଗ ସୁଦ୍ଧା ନ ଦେଇ ।

ଦିନେ ଦିନେ ଜହ୍ନକୁ ଦେଖିଛି
ଗୋଟାଏ ଗାଉଁଲୀ ଚଷା ପରି
ମୁଣ୍ଡରେ ଠେକାଟାଏ ଭିଡ଼ି,
ଧାନକ୍ଷେତ ହିଡ଼ ଉପରେ ହାମୁଡ଼େଇ ପଡ଼ି
ପାଳଭୂତ ସଙ୍ଗେ ଗପ କରିବାକୁ ।

Digitized by srujanika@gmail.com

ପେଚା ଆଉ ବାଦୁଡ଼ିର ସାନ୍ନିଧ୍ୟକୁ
ଉପେକ୍ଷା କରି,
ଗାତୁଆ ମୂଷାର ଭର୍ତ୍ସନା ଭରା
ଦୃଷ୍ଟି ଆଗରେ
ଜହ୍ନ ଅନର୍ଗଳ ଗପରେ ମଶଗୁଲ୍ ।

ଅତିକାୟ ତମ୍ବା ପରାତ ପରି ଜହ୍ନକୁ
ଦେଖାଇ ମୁଁ ପଚାରିଛି ବାନ୍ଧବୀକୁ
"ଦେଖୁଛ କି ସୁନ୍ଦର ?"

ଉତ୍ତରରେ ଅଳ୍ପ ହସି
ଗୀତର ଗୋଟାଏ ଧାଡ଼ି
ଗୁଣୁ ଗୁଣୁ କରୁ କରୁ
ସେ କହିଛି,
"ଆଚ୍ଛା କହିଲ ଭଲା,
ଗାଈଙ୍କ ହମ୍ବା ରଡ଼ି ମଝିରେ
ଏ ଜହ୍ନକୁ ଦେଖାଇ
କୃଷ୍ଣ କଣ ପଚାରିଥିଲେ ରାଧାଙ୍କୁ ?"

□ □ □

Digitized by srujanika@gmail.com

ଫଟା-ସକାଳ

ସକାଳଟା ମୁହଁ ଫୁଲାଇଛି ସ-କ୍-କା-ଳୁ ।
ଟୋପାଏ ହେଲେ ବର୍ଷା ନାହିଁ ।
ଆଦିଗନ୍ତ ମେଘର ମରୁଭୂମି,
ପାଉଁଶିଆ ମେଘମାନେ ପୁଞ୍ଜ ପୁଞ୍ଜ
ଅଭିମାନ ଭଳି
ଝୁଲୁଛନ୍ତି ଆକାଶରୁ ।

ଗଛ ପାଖେ ଠିଆ ହେଲେ
ସେ ଘୂର୍ଣ୍ଣି ଯାଉଛି
ଦିଗନ୍ତ ଆଡ଼କୁ
ଗୋଟାଏ କଳା ବିନ୍ଦୁ ହୋଇ ।
ଛାତି ଭିତରେ କିଏ ଯେପରି
କରତ ଚଳାଉଛି,
ଝରି ପଡ଼ୁଛି ହଳଦିଆ କାଠଗୁଣ୍ଡ ପରି
ମୁଠା ମୁଠା ଦୁଃଖ ।

ଦୁଃଖ କଣ ଧରି ହେବ
ହାତ ପାପୁଲିରେ ?
ନିଃସଙ୍ଗତା ମୋତେ ଗ୍ରାସିବାକୁ ଆସୁଛି,
ତାର ଧୂସର ହାତ
ମୋତେ ଜାବୁଡ଼ି ଧରିବାକୁ ଉଦ୍ୟତ ।
ବଞ୍ଚାଇବାକୁ କେହି ନାହିଁ ।

Digitized by srujanika@gmail.com

ଥାଚି ସମସ୍ତେ ମୋ ସଙ୍ଗେ
ବିଶ୍ୱାସଘାତକତା କରିଛନ୍ତି,
ସକାଳୁ କୁକୁରଟା କାମୁଡ଼ି ଗୋଡ଼ାଉଛି କ୍ରମାଗତ ।
ବିଲେଇର ପଥ ନାହିଁ ମୂଳରୁ,
ପଞ୍ଜୁରୀ ଭିତରେ ଶାରୀ
"ବଦମାସ-ବଦମାସ" କହି ରଡ଼ି ପକାଉଛି ।
ହଠାତ୍ ରବର ଚଟିଟା
ଛିଣ୍ଡିଗଲା ଫଟ୍ କରି ।

ଆଶ୍ରୟ ନାହିଁ କେଉଁଠି,
ପରିଚିତ ବନ୍ଧୁମାନେ ଦୁଆରେ
ଟାଙ୍ଗି ଝୁଲାଇ
ଘର ଭିତରେ ଚୁପ୍‌ଚାପ୍
ଲୁଚି ବସିଛନ୍ତି ।

କେହି କେହି ମିଛ କାମ ବାହାନାରେ
ମୁହଁ ମୋଡ଼ି
ଏଡ଼େଇ ଯାଉଛନ୍ତି ମୋତେ,
ବ୍ୟସ୍ତତାର ଅଭିନୟ କରି ।

ଘରର କଡ଼ି-ବର୍ଗା ମୋତେ
ଦେଖି ହସୁଛନ୍ତି ଦାନ୍ତ କାଢ଼ି ।

ବାନ୍ଧବୀଙ୍କ କୋଠାର ତିନି ମହଲା ଝର୍କା
ସବୁ ଦିନ ପାଇଁ କଣ ବନ୍ଦ ହୋଇଗଲା ?

ହାୟ, ଛାଇ ଟିକିଏବି
ନାହିଁ କେଉଁଠି ।

Digitized by srujanika@gmail.com

ସ୍ମୃତି-ତର୍ପଣ

ସ୍ମୃତି ବଡ଼ ଭୟଙ୍କର
ସବୁବେଳେ ପଛରେ ଗୋଡ଼ାଏ,
ସେହି ସବୁ ପାଣିଚିଆ ସକାଳର କଥା,
ଆକାଶରେ କ୍ଷୟକାଶ ରୋଗୀ ପରି
ପାଣ୍ଡୁର ମ୍ରିୟମାଣ ଜହ୍ନ,
ତାରା ସବୁ ନିଭିଗଲେ
ଆସିବାକୁ କହି ପୁଣି,
ତୁମେ ଆସିଲନି ।
ସ୍ମୃତି ବଡ଼ ବେଇମାନ,
ସତରେ !

ସ୍ମୃତି ବଡ଼ ଦଗାବାଜ,
ଯେମିତିକି ନୁହେଁ ଖାଲି
ବିଗତ ସୁଖର ।
ସୁଖର ତ ହଜାର ପାଖୁଡ଼ା,
ନିଖୁଣ ସୁଖର ଫୁଲ
କେହି କେବେ ଦେଖିଛ ଫୁଟିଛି ?
ସୁଖ କଣ ସବୁବେଳେ
ଦୁଃଖ ପାଖେ ଶରଣ ପଶିବ ?
କଣ କଲେ ସୁଖ ମୁକୁଳିବ,
ଦୁଃଖ ତାର ପିଛା ଛାଡ଼ିଦେବ ?

Digitized by srujanika@gmail.com

ତୁମର ଦୁଃଖର ପାଖେ
ବିଛାଇ ଦେଇଛି ମୋର
ଯାବତୀୟ ସ୍ମୃତିର ସମ୍ଭାର,
ଚନ୍ଦନ କାଠର ବାକସ,
ଖୋଲପା ରୁମାଲ,
ବିବର୍ଣ୍ଣ ପାଣ୍ଡୁର ଚିଠି
ଭଙ୍ଗାଚୁଡ଼ି, ବଙ୍କା ସେଫ୍‌ଟିପିନ୍ ।
ଦେଖ, ପୁଣି ତୁମେ ତାକୁ
ଓଦା କରି ଦିଅ ନାହିଁ
ନିରନ୍ତର ଝୁରୁଥିବା ଆଖିର ଲୁହରେ ।

କିଛି ସ୍ମୃତି ବାଘ ପରି
ତିଳ ତିଳ କରି
ଖାଏ ମଣିଷକୁ ।
ହାଡ଼-ମାଂସ ଘେନ୍ଧାଇ ଘେନ୍ଧାଇ,
ମୁହଁ ଧୁଏ ମଣିଷ ରକ୍ତରେ ।
ସର୍କସର ବାଘ ନୁହେଁ,
ସତ ସତ ଜଙ୍ଗଲର
ଗୁଳିଖିଆ ଘାଏଲ ଏ ବାଘ ।
ମଣିଷର ମଡ଼ ପାଖେ
ଜଗି ବସିଥାଏ,
କିମ୍ବା ପୁଣି ଅନ୍ଧାରରେ
ବାରମ୍ବାର ଲୁଚି ଲୁଚି ଛପି ଛପି
ଫେରି ଫେରି ଆସେ ।

□ □ □

Digitized by srujanika@gmail.com

କବି

ଜନ୍ମରୁ କେହି କବି ନୁହେଁ ।
କବିର ନିର୍ମାଣ ପାଇଁ
କେତେ ଦିନ, ବିନିଦ୍ର ରଜନୀ
ହଜାର ହଜାର ଜଞ୍ଜ
ଗୋ ଲ ଅବା ଖଣ୍ଡିଆ ଖାବର,
ପ୍ରୟୋଜନ ହୁଏ ।

ଟେବୁଲରେ ଚିତ୍ ହୋଇ
ଶୋଇ ରହେ ଧଳା କିଛି
ପବିତ୍ର କାଗଜ,
କବିର କଲମରେ କଳଙ୍କିତ ହେବ ବୋଲି
ଅଧୀର ଆଗ୍ରହରେ,
ପ୍ରତୀକ୍ଷାରେ ଥାଏ ।

କବିର ଶ୍ୱାସକଷ୍ଟ ଉଠେ,
ବିଜ୍ଞାଗିତ ହୁଏ ବଡ଼ମନା,
ଉଦ୍ଧତ କିଛି ନାରୀ
କବିକୁ ଦୁଃଖ ଦେଇ
ଗଲି ଯାନ୍ତି ବିର୍ଞ୍ଚି ବିର୍ଞ୍ଚି
ମେଞ୍ଚାଏ ବଞ୍ଚନା ।

Digitized by srujanika@gmail.com

କବି କିନ୍ତୁ ଭୁଲେ ନାହିଁ
ସୂର୍ଯ୍ୟାସ୍ତର ଅସମାପ୍ତ ଛବି,
ଗୁହିଁ ରହେ ପୃଥିବୀକୁ
ଶିଶୁର ସାରଲ୍ୟ ମିଶା
ଅବାକ୍ ଦୃଷ୍ଟିରେ ।

ନଈ-ନାଳ, ଗଛଲଟା,
ପୃଥିବୀର ସୁଗନ୍ଧିତ ଘ୍ରାଣ,
ସମୁଦ୍ର ଢେଉରେ ଖୋଜେ
ଜୀବନର ଓଲଟ-ପାଲଟ,
ସୁଖ ଆଉ ଦୁଃଖର ସ୍ପର୍ଶକୁ
ସାଇତି ରଖେ ସେ ସବୁ
ସବୁ ଦିନ ପାଇଁ ।

ପୃଥିବୀକୁ ଭଲପାଏ ବୋଲି
ବାରମ୍ବାର ଫେରିଆସେ
ତା ଧୂଳି କୋଳକୁ ।

କବି କିଏ, କିଏ ଅବା ନୁହେଁ,
ବାପର ହୋଟେଲରେ
ଦୀର୍ଘ ଦିନ ଖାଇଛି ବାକିରେ;
ଆଉ ଖାଏ ତାବ୍ର ଭର୍ତ୍ସନା
ବଢୁଗଇ ନିର୍ମମ ଘୃଣାରେ,
କିଏ ଦିଏ ? କିଏ ବା ନ ଦିଏ ?
ଏବଂ
ନିଷ୍ଠୁର ଗୋଇଠା ମାଡ଼

Digitized by srujanika@gmail.com

ସିଏ ପୁଣି ଆଙ୍କି ଦିଏ
କବିର ପଶ୍ଚାତ୍‌ଦେଶରେ ।
ଆଖି ଟା ଲକେଇ ଆସେ,
କବି ଯାଇ ଶୋଇ ପଡ଼େ ଚ଼ୁପ୍‌ଚାପ୍,
ପେଟରେ ଓଦାକନା ଦେଇ ।

କବି ଚାହେଁ ଶୁଣିବାକୁ
ଶୋଣିତରେ ଦୃପ୍ତ ପଦଧ୍ୱନି
ଅବିରଳ ନିର୍ମଳ ବର୍ଷାର ।
ଯେତେବେଳେ ଦିନର ଅବୟବ
ମିଶିଯାଏ ରାତିର ଦେହରେ ।
ଅନ୍ଧାର ଘୋଟିଯାଏ
ଘରିଆଡ଼େ ଚୂଡ଼ାନ୍ତ ଛବରେ ।
ଛାଇ ସବୁ ଶୋଇଯାନ୍ତି
ଗୋଲ ହୋଇ,
ବୁଲା କୁକୁର ଭଳି ଜାକି-ଜୁକି
ରାସ୍ତା କଡ଼ ନାଳ-ନର୍ଦ୍ଦମାରେ ।
ଜୀଇ ଉଠେ ନଈର କଙ୍କାଳ
ବେଗବାନ ସ୍ରୁଅରେ ସୁଅରେ ।

କବି କେଭେ ମାଗି ନାହିଁ
ଫୁଲ ମାଳ ଅଥବା ପ୍ରଶସ୍ତି,
ଲୋଡ଼ି ନାହିଁ ଅର୍ଥ, କିମ୍ବା ବିପୁଳ ସମ୍ମାନ ।
ଜୀବନର ସରଳିପି ଗାଉ ଗାଉ
ସୁନେଲୀ ସ୍ୱପ୍ନରେ
ହୋଇଛି ବିଭୋର ।

Digitized by srujanika@gmail.com

ସେ କିନ୍ତୁ ଗ୍ରହିଥିଲ
ବୁନ୍ଦାଏ ସହାନୁଭୂତି
ଟେନାଏ ମମତା,
ରିକ୍ତ କ୍ଲାନ୍ତ ଜୀବନ ସନ୍ଧ୍ୟାରେ ।

କବିକୁଳ ଜର୍ଜର ଈର୍ଷାରେ,
ପୂର୍ବଭଳି କିଛି କବି ଗର୍ଜିବେ
କର୍କଶ କଣ୍ଠରେ,
"ଆରେ, ଏ ଗୋଟେ କବି ନା କଣ,
କବିର ଗର୍ଭସ୍ରାବ ସିନା,
ବାସ କରୁ ଅନନ୍ତ ନର୍କରେ ।"

କବି କିନ୍ତୁ ଏ ସବୁକୁ ତୁଚ୍ଛ କରି
ଶବ୍ଦ ସଙ୍ଗେ ଲୁଚକାଳି
ଖେଳୁ ଖେଳୁ ଅକସ୍ମାତ୍ ଦିନେ,
ସତ ସତ କବି ପାଲଟିଲ ।

❑ ❑ ❑

Digitized by srujanika@gmail.com

କବି ଓ କବିତା

ହେ ବାଗ୍ମିକ କୋଳାହଳ
ଟିକେ ଚୁପ୍ କର ।
ମୁଁ ଗ୍ରହୁଛି ଶାନ୍ତ ନିର୍ଜନତା ।
ବେଳେବେଳେ ଘନିଷ୍ଠ ଅନ୍ଧାର ଏକ
ଧୀରେ ଧୀରେ ନଇପଡ଼ା ପାଖେ ।
କ୍ରମଶଃ ଓହ୍ଲାଇ ଆସି
ଆତ୍ମସମର୍ପଣ କରେ ।
ଠିକ ସେମିତି ପରିବେଶ ଲୋଡ଼ା,
ନିଶୂନ, ନୀରବ ।

ଆସ ଆସ ନୈଶବ୍ଦ୍ୟ
ଗୋଡ଼ ଚିପି ଖୁବ୍ ନୀରବରେ,
ନିଭୃତ ଅଭିସାର ପାଇଁ
ରହି ରହି ଗୋପନରେ ଆସ,
ତ୍ରସ୍ତା ହରିଣୀ ପରି
ଏଣେ ତେଣେ ଅନାଇ ଅନାଇ
କିନ୍ତୁ ଆସ, ବାଟ ଭୁଲ ନାହିଁ
ମୁଁ କାଟୁଛି ବିନିଦ୍ର ରଜନୀ,
ତୁମ ଲାଗି ଏକୁଟିଆ,
ଅନ୍ତହୀନ କ୍ଳାନ୍ତ ପ୍ରତୀକ୍ଷାରେ ।

Digitized by srujanika@gmail.com

ଭୂତ ପରି ଜହ୍ନ ଏକ
ଚଢ଼ିଅଛି ଅଶ୍ୱତ୍ଥ ଗଛରେ ।
ପୋଖରୀର ନୀଳ ପାଣି
ଚୁପ୍‌ଚାପ୍ ପଡ଼ି ରହେ ଚିତ୍ ହୋଇ,
ନିସ୍ତରଙ୍ଗ ଜଳର ନାଭିରେ
ଶୋଇଥାଏ ମାଛ,
ନିଘୋଡ଼ ନିଦରେ ।

ଦୁଃଖର ଅବୟବ
ଫୁଟି ଉଠେ
ପଡ଼ିଆ ଘାସରେ ।
ତୁନିତାନି ଶୋଇଥାନ୍ତି ବଗିଚାରେ,
ପ୍ରସ୍ଫୁଟିତ ଫୁଲ ସବୁ ।
ପାପ ପରି ନୀଳ ମହୁମାଛି
ଫେଣା ବାନ୍ଧେ ଆସି
ଅଶ୍ୱତ୍ଥର ଡୋକଖିଆ ଖଟିଗ ଡାଳରେ ।

ଏଥର ଭଣିତା ସାରି,
ଶେଷ କରି ଗୌର ଚନ୍ଦ୍ରିକା,
କହିଦିଏ ଗୋପନ କଥାଟି,
କବିତା ବଡ଼ ନିରିମାଖୀ
ଏବଂ ଡରକା,
ଟିକେ କଣ ବିଗିଡ଼ିଲେ
ଅଭିମାନିନୀ ପରି ଲୁଚିଯାଏ
ଅନ୍ଧାର ସନ୍ଧିରେ ।

Digitized by srujanika@gmail.com

ଦୂରରେ ମିଳାଏ ତାର ରୁଣୁଝୁଣୁ
ନୂପୁର ନିକ୍ୱଣ ।
ମୁଣ୍ଡ ଯେବେ ବାଡ଼େଇଲେ
କବିତା ଫେରିବ ନାହିଁ
କବି ପାଖେ ଆଉ କେତେବେଳେ ।

ଶତେକ ନେହୁର ହେଲେ
କଣ ହେବ ?
ଫୁଲ 'ଆଉ ଫୁଟିବନି
ଊଷର ବାଲିରେ ।

ସହରର କୋଳାହଳ
ଶବ୍ଦର ବିସ୍ଫୋରଣ ଯେତେ
ଭୁଲିବାକୁ ପ୍ରଗଳ୍‌ଭ ଧ୍ୱନିକୁ
ପାହାଡ଼ ଜଙ୍ଘରେ ଆସି
ବାନ୍ଧିଅଛି ଘର ।

ଘେରିଥାଡ଼େ ସ୍ତବ୍‌ଧ ମୌନ
ଧ୍ୟାନରତ ବୁଦ୍ଧ ପରି
ଧାଡ଼ି ଧାଡ଼ି ପାହାଡ଼ ଶିଖର ।

ଜନତାର ଜାତବ କଟାକ୍ଷ
ଠାରୁ ବହୁତ ଦୂରରେ,
କବିତାର ଅପେକ୍ଷାରେ
ବସି ବସି ବିତାଉଛି ବେଳ ।

Digitized by srujanika@gmail.com

ଏଠି ଖାଲି ସୁଖୀ ଏକାକୀତ୍ୱ
ଏକର ଏକର,
ଶବର ମଶାଣିଭୁଇଁ,
ଶବଙ୍କ କବର,
ହଠାତ୍ ଏଠି ଅକସ୍ମାତ୍ ଦିନେ,
ପାଇଛି ସନ୍ଧାନ ତାର
କବିତା ମୋ ମୁହାଁମୁହିଁ
ଆମେ ଦୁହେଁ ଯୁକ୍ତ ପରସ୍ପର,
କବିତା ଆସିଛି ମୋତେ
ଧରା ଦେବ ବୋଲି,
ଆମେ ଦୁହେଁ ଛନ୍ଦାଛନ୍ଦି,
ଅଧରେ ଅଧର,
ସୁଗଭୀର ନିଶିଥିନୀ
ସ୍ତବ୍ଧ ଚରାଚର ।

□ □ □

Digitized by srujanika@gmail.com

ଯବନିକା

ସେ ଏବେ ଗୋଟାଏ ନିର୍ଦ୍ଦୋଷ
ନିରମିଷ ପରିବା ।

ଆପଣ ତାଙ୍କୁ ଆଳୁ
ବା ବାଇଗଣ ବୋଲି
ଭାବି ପାରନ୍ତି,
କିମ୍ବା ପୋଟଳ ସଙ୍ଗେ ଭୁଲ କରି ପାରନ୍ତି ।

ଅନ୍ତତଃ ତୁଳନା କରିବାରେ
କିଛି ବାଧା ନାହିଁ ।

କଲେ ଆପଣଙ୍କୁ ଦୋଷ କେହି
ଦେବେ ନାହିଁ !

କିନ୍ତୁ ଏମିତି ତ କଥା ନ ଥିଲା,
ତାଙ୍କ ଧମନୀରେ ଦିନେ
ରକ୍ତ ଦୌଡ଼ୁଥିଲା
ବେଗବାନ ଆରବୀ ଘୋଡ଼ା ଭଳି ।

Digitized by srujanika@gmail.com

ଆଖିରେ ଥିଲା ମୋହନ
ତିର୍ଯକ୍ ଚାହାଣୀ,
ଆଉ ବାବୁରୀ ବାଳ ମହକୁ ଥିଲା
କୁସୁମର ମୃଦୁ ସୁବାସରେ ।

ଏବେ କିନ୍ତୁ ଗୋଧୂଳିରେ
ବିଦାୟର ରଙ୍ଗ ଲାଗିଲାଣି ।

ମାର୍ବଲ ପରୀର ଡେଣା
ଭାଙ୍ଗି ଦେଇ ଚାଲିଗଲା
ନିର୍ମମ ସମୟ ।

ସେ ଆଗେଇ ଚାଲିଛନ୍ତି
ଗୋଟାଏ ନିର୍ଜନ ନିର୍ଦ୍ଦିଷ୍ଟ
ଷ୍ଟେସନ ଆଡ଼କୁ ।

ନଇଁ ନଇଁ ଚାଲିଛନ୍ତି,
କ୍ଳାନ୍ତ ପଥିକ ପରି,
ଗୋଡ଼ ଘୋସାରି ଘୋସାରି
ସୂର୍ଯ୍ୟାସ୍ତ ଆଡ଼କୁ କ୍ରମାଗତ ।

ଦନ୍ତହୀନ ମାଢ଼ିରୁ ତାଙ୍କରେ
ଝରି ପଡ଼ୁଛି ଅବିରତ
ବୃନ୍ତଚ୍ୟୁତ ଫୁଲ ପରି
ମେଞ୍ଚା ମେଞ୍ଚା ଶବଦ ସବୁ
ସେମାନେ କହୁଛନ୍ତି ଗୋଟାଏ
କଥା କେବଳ,
'ବିଦାୟ -- ବିଦାୟ'
ନକଲି ଦାନ୍ତକୁ ଚାପି
ସେମାନଙ୍କୁ ରୋଧିପାରୁ ନାହାନ୍ତି ସେ ।

Digitized by srujanika@gmail.com

ପାହାଡ଼କୁ ଢାଙ୍କିଦିଏ ମାୟାବୀ କୁହୁଡ଼ି,
ସମୁଦ୍ରର ଜଳୋଚ୍ଛ୍ୱାସ ଶୁଭେ ନାହିଁ
କାନକୁ ତାଙ୍କର ।
ନକ୍ଷତ୍ରର ଦ୍ୟୁତି ଆସି
ଛୁଏଁ ନାହିଁ କ୍ଲାନ୍ତ ଆଖିପତା ।

ଛାତିର ଝର୍କାରେ
ଏ କାହା ମୁହଁ ?
ସେ ଚମକି ଉଠନ୍ତି ।
କୁଞ୍ଚିତ ଚମଡ଼ାରେ ପଡ଼େ
ସମୟର ଅବ୍ୟର୍ଥ ତାଛି,
ସୂର୍ଯ୍ୟାସ୍ତର ଗଳି
ଆଖି ଫୁଟି ଉଠେ
ଗୁଙ୍କିଶା ଚଷମାରେ ।

ଛାଇମାନେ ନାଚୁଛନ୍ତି
ଲେଲିହାନ ଚିତାର ନିଆଁରେ
ଦୁନିଆଁର ଉଢ଼େଉରେ
ଭାଗୀଦାର ହେବାକୁ
ସମୟ ଆଉ ବେଶି ନାହିଁ
ତାଙ୍କ ହାତରେ ।

Digitized by srujanika@gmail.com

ସେ କଣ ଶେଷକୁ ଏକ
ଅଦରକାରୀ ଘରି ଆସବାବ
ଚିକ୍‌କଣ ଶିଶୁ କାଠରେ ତିଆରି,
ପଡ଼ିଥିବେ ବସିବା ଘରେ
ଲମ୍ବଲାଲ ହୋଇ ?

ପୃଥିବୀର ରଙ୍ଗମଞ୍ଚରୁ
ପାଦ-ପ୍ରଦୀପ ସବୁ ନିଭି ଗଲଣି ।
ସମସ୍ତେ ଜଣ ଜଣ କରି
ବିଦାୟ ନେଲେଣି
ସଙ୍ଗମ ଜଣାଇ,
ଏଥର ପଡ଼ିବ ଶେଷ ଯବନିକା ।

☐ ☐ ☐

Digitized by srujanika@gmail.com

ତୁମେ ମୋତେ

ମୋତେ ତୁମେ ଯେଉଁ ନାଁରେ ପଛେ ଡାକ,
ଅର୍ଜୁନ, ଭୀମ, ବଜ୍ରବାହୁ, ବଂଶୀଧର ଅଥବା ଅଭିମନ୍ୟୁ,
ଛାତି ଉପରେ ଚଢ଼ି
ଡାକବାଜି ଖଞ୍ଜି,
ସାହିବାଲଙ୍କ ନିଦକୁ ଅସ୍ତବ୍ୟସ୍ତ କରି,
ବ୍ୟାକୁଳ ସ୍ୱରରେ ଡାକୁଥାଏ,
ମୁଁ କିନ୍ତୁ ରହିଯିବି
ଶିଖଣ୍ଡୀ ଆଉ ବୃହନ୍ନଳାଙ୍କ ଗହଣରେ
ଚିର ଶିଶୁପାଳ ହୋଇ ।

ତୁମେ ମୋତେ ଯେଉଁ ଫୁଲରେ ପଛେ ସଜାଅ,
ଯୂଇ, ଜାଇ, ମାଧବୀ, ଗୋଲାପ, କିମ୍ବା କେତକୀ ଚମ୍ପାରେ
ମୋ ମନ କିନ୍ତୁ ବେପଥୁ ହେବ ରଜନୀଗନ୍ଧାର
ମୃଦୁ ମହକରେ କେବଳ ।

Digitized by srujanika@gmail.com

ତବ୍ଲାରେ ତୁମ ଯେଉଁ ରାଗିଣୀ ପଛେ ବଜାଅ,
ଭୈରବୀ ଦରବାରୀ, ଗୁଣକେଳୀ ଅଥବା ଆଭୋଗୀ
କିମ୍ବା ବିଳମ୍ବିତ ସ୍ୱରକେଶୀ ମୂର୍ଚ୍ଛି ମୂର୍ଚ୍ଛି ବାଜୁଥାଉ,
ମୋ ମନ ମୟୂର କିନ୍ତୁ
ପୁଚ୍ଛ ଟେକି ନାଚିବ କେବଳ,
ମେଘ ମଲ୍ଲାରର ଅଳ୍ପ ଗୁଞ୍ଜରଣରେ ।

ଆପ୍ୟାୟିତ କର ମୋତେ
ଭୂରି ଭୋଜନରେ
ଛପନ ଭୋଗ ପରଶି ଦିଅ
ସୁଦୃଶ୍ୟ ଥାଳୀ ଓ ଗିନାରେ,
ବାସମତୀ ପୋଲାଉ, କ୍ଷୀରି-ପୁରୀ
ମାଂସର ବାହୁଲ୍ୟ,
ତୃପ୍ତି କିନ୍ତୁ ଶୋଇଥାଏ
ନିରିମାଖୀ ଶାଗ ପଖାଳରେ,
ସୁନା ରଙ୍ଗର ବର୍ତ୍ତୁଳ
ମଜା କଂସା ବେଲ,
ସୂର୍ଯ୍ୟ ପରି ଝଟକେ କେବଳ ।

□□□

Digitized by srujanika@gmail.com

ଅନ୍ଧାରରେ ଏକା

ମୁଁ ଡରେ ଘାତକ ଅନ୍ଧକାରକୁ,
ଭୟ କରେ ଅନ୍ଧାରର
ଅସ୍ପଷ୍ଟ ଅବୟବ ।
ଭୟଙ୍କର ଗଛ ସବୁ,
ଆଚ୍ଛାଦିତ ଆଦିମ ପତ୍ରରେ ।
ଡରମାଡ଼େ ଦେଖିବାକୁ ଘରର ସିଲ୍ୟୁଏଟ,
ଘର ସବୁ ପଡ଼ିଛନ୍ତି ମୁହଁମାଡ଼ି,
ଭଗ୍ନଜାନୁ ଏପଟେ ସେପଟେ ।
ରାସ୍ତାର ଅବକ୍ଷୟ ରୋକିବାକୁ
ଠିକାଦାର ନାହିଁ ।
ଖାଇଡିପ, ଦନ୍ତୁର; ରାସ୍ତାର କଙ୍କାଳ,
ପଡ଼ି ରହେ ଚିତ୍‌ପାତ୍ ହୋଇ ।

ବାଟ ହୁଡ଼ି କୁହୁଡିରେ
ଅବାଟରେ ଆଗେଇ ଚାଲିଛି,
ରାସ୍ତାର ସବୁ ସେତୁ,
ସବୁ ଯୋଗାଯୋଗ, ଭଙ୍ଗିରୁଛି
ପଡ଼ିଛି ଭୁଶୁଡ଼ି ।
ଅନ୍ଧାରରେ ଅନ୍ଧ ପରି
ଅନ୍ଧାରକୁ ଛୁଇଁ ଛୁଇଁ, ଅଣ୍ଡାଳି ଅଣ୍ଡାଳି,
ଅତି ଧୀରେ ଚାଲିବାକୁ ହେବ ।

Digitized by srujanika@gmail.com

ଏ କେଉଁ ବନସ୍ଥଳୀ, କେଉଁ ଦ୍ରାଘିମାରେ ?
ନାହିଁ ଏଠି ପରିଚିତ ବନସ୍ପତି କିଛି,
ବିଦେଶୀ କୁସୁମରାଜି ଭିନ୍ନ ଭାଷା କହେ ।
ଅନ୍ଧାରରେ ଲୁଚିଛପି ଦ୍ରୁମମାନେ ହୋଇଛନ୍ତି ଠିଆ
ଆତତାୟୀ ପରି ।
ବୁଦା ସବୁ ଗୋଡ଼କୁ ଛନ୍ଦିବାକୁ
ଡାଳ ମେଲି, ନଇଁ ପଡ଼ି,
ଇତିହାସର ଠଗୀ ପରି
ଯେପରି ଉଦ୍ୟତ ।
ଆକାଶରୁ ଝୁଲୁଅଛି ବିପୁଳ
ଓହଳ ସବୁ ଅଜଗର ଭଳି,
ଆଶ୍ଚର୍ଯ୍ୟ ଭଙ୍ଗୀରେ ।

ଏ କେଉଁ ବିଚିତ୍ର ଘ୍ରାଣ ଅଜଣା ଫୁଲର ?
ବର୍ଣ୍ଣହୀନ ପ୍ରଜାପତି ଉଡ଼ୁଛନ୍ତି ଘରିଆଡ଼େ ଖାଲି,
ଡେଣା ଝାଡ଼େ ଅଜଣା ଚଢ଼େଇ,
ଗୀତ ବୋଲି କର୍କଶ କଣ୍ଠରେ ?
ଏ କେଉଁ ନର୍କର ଦ୍ୱାର
ଅନର୍ଗଳ ପଡ଼ିଅଛି ଖୋଲି ?

ଆଲୁଅରୁ କ୍ରମେ କ୍ରମେ
ଅନ୍ଧାର ଆଡ଼କୁ
ପରିକ୍ରମା ଆଜି,
ଯାଉ ଯାଉ ଝୁଣ୍ଟିପଡ଼େ,
ଗୋଡ଼ ଛନ୍ଦି ହୁଏ ।

Digitized by srujanika@gmail.com

ଏ କେଉଁ ବୀଭତ୍ସ ବଳୟ,
ସଭ୍ୟତାର କେଉଁ ପରାଜୟ,
ଏ କି ବିପରୀତ ଗତି
ମୁହାଁଣରୁ ଫେରିଯିବା
ଉତ୍ସର ମୂଳକୁ ?

ସଂସାରର ରଥ ଏକ ବାହାରିଛି
କରିବାକୁ ପ୍ରଦକ୍ଷିଣ
ପୃଥିବୀର ସବୁ କୋଣ,
ସଭ୍ୟତାର ସବୁ ଉପତ୍ୟକା ।
ଅହିଫେନ ଆକାଶରୁ ପଡ଼େ ଝରି
ପୁଞ୍ଜ ପୁଞ୍ଜ କ୍ଲେଦ ଓ କାଳିମା,
ବିଜୁଳି ଝଲକ ନାହିଁ
କାହିଁ ହେଲେ ଟିକେ,
କାଳିବୋଳା କୁଜ୍‌ଝଟିକା
ଅବିରତ
ଝୁଲେ ଚତୁର୍ଦ୍ଦିଗେ ।

ମାତି ଉଠି କିଛି ଲୋକ
ବିଦ୍ୱେଷ ଘୃଣାରେ,
ଛୁରୀ ଧରି ମାରିବାକୁ
ବାପକୁ ଗୋଡ଼ାନ୍ତି,
ବଳାତ୍କାର କରିବାକୁ ଆପଣା ଭଗ୍ନୀକୁ
କୁଣ୍ଠିତ ନୁହନ୍ତି ଟିକେ ହେଲେ ।

Digitized by srujanika@gmail.com

ଅଦ୍ଭୁତ ଅନ୍ଧାର ଏକ ଘୋଟିଅଛି
ଏ ଗ୍ରହକୁ ଆଜି,
ସବୁକିଛି ବିପରୀତ
ଅନ୍ଧମାନେ ବେଶି ଦୃଷ୍ଟିବାନ,
ପ୍ରଖର ଚକ୍ଷୁର ଲୋକେ
କାଳିଆ-ଚଷମା ପିନ୍ଧି
ଆଖିକୁ ଘୋଡ଼ାନ୍ତି,
ସେମାନଙ୍କୁ ସୂର୍ଯ୍ୟାଲୋକ
ଭଲ ଲାଗେ ନାହିଁ ।

ଆଶ୍ଚର୍ଯ୍ୟ କୁହୁଡ଼ି ଏକ
ଗ୍ରାସିଅଛି ଏ ଧରାକୁ ଆଜି,
ମୁଁ କିନ୍ତୁ ସାଥିହୀନ
ଥରୁ ଅଛି ଅଜଣା ଭୟରେ
ଅନ୍ଧାରରେ ଏକା,
ମରାଳୀର ଶୁଭ୍ର ଗ୍ରୀବା
କାଟି କେହି ଝୁଲାଇ ଦେଇଛି
ପୋଖରୀ ହୁଡ଼ାରେ,
ଆତତାୟୀ ଛୁରିକାରୁ କେବଳ କାହିଁକି
ରକ୍ତ ଝରି ପଡ଼େ ?

□ □ □

Digitized by srujanika@gmail.com

ପାଳଭୂତ

ମୁଁ ଜଗିଛି ସାହୁକାର ବିଲ
ପରମ ଯତ୍ନରେ ।
ଚଢ଼େଇଙ୍କ ସବୁ ଅଳି
ଉଡ଼ାଇ ଦେଉଛି ପବନରେ,
କାନକୁ କରିଛି ବଧିର
ଶୁଣୁନାହିଁ ପକ୍ଷୀଙ୍କ କାକଳୀ ।
ଗୋଲ ଗୋଲ ଜଳି ଆଖି
ଗାତୁଆ ମୂଷାର
ଉପେକ୍ଷା: କରିଛି ।

ସାଥୀ ମୋର ପେଚା ଓ ବାଦୁଡ଼ି,
ଗାତୁଆ ମୂଷାର ଦ୍ରୁତ ପଦଧ୍ୱନି
ଶୁଣୁଶୁଣୁ ଝାଡ଼ି ଝୁଡ଼ି
ଠିଆ ହୁଏ ପୁଣି,
ଶୋଇବାକୁ ଜୁ ନାହିଁ
କ୍ଲାସ-ପାଠ ଫାଙ୍କିଥିବା
ପିଲ ପରି ଏକ-ଗୋଡ଼ିକିଆ
ଦଣ୍ଡ ମୁଁ ଭୋଗୁଛି ।

Digitized by srujanika@gmail.com

ମୋ ମୁଣ୍ଡରେ ଛତା ନାହିଁ,
ବର୍ଷା ହେଲେ ନିଶ୍ଚକ ତିନିବାକୁ ପଡ଼େ ।
ଖରା ବଡ଼ ନିର୍ଦ୍ଦୟ, ହତସତ କରେ
ମୋତେ ପ୍ରଚଣ୍ଡ ତାତିରେ ।
ସେହିଭଳି ଶୀତ ଋତି,
କାକରର ପ୍ରବଳ ଧକ୍କାରେ
ଥରି ଉଠେ ମୋ ହାଡ଼-ପଞ୍ଜର ।
ଫଟା ସାର୍ଟ, ଚିରା ପେଣ୍ଟ,
ଶୀତ ରୋକେ ନାହିଁ ।

ବେଳେବେଳେ ଆକାଶରେ
ଉଦାସୀନ ଜହ୍ନ ଏକ ପ୍ରାଗୈତିହାସିକ
ଭସି ଭସି ଆସି ଠିଆ ହୁଏ,
ସେ ମୋତେ ଭଲପାଏ ବୋଲି
ପାରଦ ରଙ୍ଗର ଜ୍ୟୋସ୍ନା
ମୋ ମୁଣ୍ଡରେ ଅଜାଡ଼େ କେବଳ ।

ଛାତ ନାହିଁ ମୋ ମୁଣ୍ଡ ଉପରେ,
ହଜାର ବର୍ଷ ଧରି ହୋଇଅଛି ଠିଆ
ଗୋଟାଏ ଗୋଡ଼ରେ ।
ଶୋଇବାକୁ ଗଦା ନାହିଁ
ଜର ମାଡ଼ି କିମ୍ବା ଚିତ୍ ହୋଇ ।

ମୁଁ ଜଗିଛି ସାହୁକାର ଘର ଥାଳୀ
ଅସୀମ ନିଷ୍ଠାରେ ।
ମୁଁ ବଡ଼ ଏକୁଟିଆ,
ସଂସାରରେ ମୋର କେହି ନାହିଁ,

Digitized by srujanika@gmail.com

ମୋ ଆଗରେ ରହିଅଛି ପଡ଼ି
ସୁଦୀର୍ଘ ଶୀତ ରତି ଖାଲି,
ମୋ ଜୀବନ ବୃକ୍ଷ ଅପତ୍ରର ।
କେହି ମୋତେ ଲୋଡ଼ନ୍ତିନି
ସାହୁକାର ଘରଣୀ ବି ସ୍ୱଚ୍ଛନ୍ଦରେ
ଭୁଲିଯାଏ ମୋତେ
'ନୂଆଖିଆ' ଦିନ ।

ମୁଁ ଏକ ନୈର୍ବ୍ୟକ୍ତିକ ସତ୍ତା,
ସବୁ ରୂପ ଝରି ଯାଇ
ଖସି ପଡ଼େ ରୂପର ଗାରିମା,
"ହେ ଦାମ୍ଭିକ ଆକାଶ, ତୁମେ
ଘୁଞ୍ଚି ଯାଅ ମୋ ଆଗରୁ,
ବାଗ୍ମଳତା ସ୍ତବ୍ଧ କର,
ସମସ୍ତ ବର୍ଣ୍ଣ ବୈଭବ ଆଉ ନୀଳିମା ନେଇ,
ପୋଛି ହୋଇ ଯାଅ ଦିଗନ୍ତରେ ।"

ଦୁଇ ବାହୁ ପ୍ରସାରିତ କରି
ମୁଁ କେବଳ ମମତା ମାପୁଛି ।
ମୁଁ କି ଏକ ଅଭିଶପ୍ତ
କ୍ରୁଶବିଦ୍ଧ ଯୀଶୁ ?

□ □ □

Digitized by srujanika@gmail.com

ହେମନ୍ତ

ହେମନ୍ତ ଆସିଛି ଆଜି
ଲୁଚକାଳି ଖେଳି ଖେଳି
କାଶତଣ୍ଡୀ ବଣେ ।
ନଈପଠା କଡ଼େକଡ଼େ
ଅତି ସଂଗୋପନେ ।
ହେମନ୍ତ ଆସିଛି ପୃଥିବୀକୁ
ଧୋକଡ଼ୀ ବୁଢ଼ୀ ପରି ନଈଟା
ଶୋଇଛି ବାଲିରେ ।

ହେମନ୍ତ ଦେଇଛି ବୋଳି ଗୋଧୂଳିରେ ଚିନ୍ତ ନୀରବତା,
ସବୁ ବଡ଼ ଚୁପ୍‌ଚାପ୍, ଛାଇଛାଇ, ସନ୍ଧ୍ୟାରେ ବହୁତ କାକର
ମୁହାଁ ମୁହିଁ ଠିଆ ହେଲେ
ହେମନ୍ତ ମୋହର,
ପବନରେ ନାହିଁ ଦନ୍ତୁରତା,
ଦୂରେ ଶୁଭେ ଶୀତର ହେଣ୍ଟାଳ ।

ସେ ଆମର ନଗ୍ନତାକୁ ଫାଳ ଫାଳ କରିବାକୁ
ନଖ ଆଉ ଦାନ୍ତ ପଜାଉଛି
ଗର୍ଭିଣୀ ଧାନକ୍ଷେତ ନିମଜ୍ଜିତ
କୁହୁଡ଼ିରେ ଆଜି ।

Digitized by srujanika@gmail.com

ହେମନ୍ତ ଆସିଛି ଫେରି
ଚିଲର ବିଷଣ୍ଣ ଡେଣାରୁ
ଝରି ପଡ଼େ ମ୍ଳାନ ଧୂସରତା,
ଧୂଳି, ଧୂଆଁ, କୁହୁଡ଼ିରେ
ବାଟ ହୁଡ଼ି ସନ୍ଧ୍ୟା ଫେରେ
ବିମର୍ଷ ଚଢ଼େଇ ପରି
ଘାରି ହୋଇ ପୃଥିବୀ ନୀଡ଼କୁ ।

ବାଲିକୁଦ ଦାଢ଼େ ଦାଢ଼େ
କିମ୍ବା କିଆ ବୁଦାର ଅନ୍ଧାରେ
ହେମନ୍ତ ଶୋଇଛି ଦେଖ,
ମୃତ ଏକ ବଣି ପରି
ଘୋଡ଼ି ହୋଇ ଶୀତ ପାଣ୍ଡୁରତା
ମାଂସ ତାର ଏଣେତେଣେ
ଛିନ୍ନଭିନ୍ନ ଲେଟୁଛି ଘାସରେ ।

Digitized by srujanika@gmail.com

ବିଦୀର୍ଣ୍ଣ-ଦର୍ପଣ ।। ୧

ମୁଁ ଏକ ଗୁଡ଼କଙ୍କ ଭଳି
ଗଡ଼ି ଗଡ଼ି କରୁଛି ଜରୀପ୍,
ଜୀବନର ବେଳାଭୂମି ଖାଲି,
ଅସ୍ତବ୍ୟସ୍ତ ପବନରେ ଉଡ଼ୁଅଛି
ଏପଟ-ସେପଟ,
ଆଦିଗଂତ ବିସ୍ତୀର୍ଣ୍ଣ ସୈକତ,
ଲବଣାକ୍ତ ବାଲି ।

ମୋ ପାଖରେ ଦେଇ ଉଳି ଜିଛି ନାହିଁ ଆଜି
ଛାତି-ଫଟା ଦୀର୍ଘଶ୍ୱାସ, କିଛି ଆର୍ତ୍ତନାଦ,
ନିଦ୍ରାହୀନ ରାତ୍ରିର ଉତ୍କଟ ବିଭୀଷିକା କିଛି,
ମୁଣ୍ଡ ନାହିଁ, ଗଣ୍ଡି ନାହିଁ,
ଅଭିଶପ୍ତ କେବଳ ମାଦଳ ।

❑ ❑ ❑

Digitized by srujanika@gmail.com

ବିଦୀର୍ଣ୍ଣ-ଦର୍ପଣ ।। ୨

ମୁଁ ଜଗିଛି
ସ୍ୱପ୍ନକୁ ଧରିବି ବୋଲି
ଆପଣା ହାତରେ,
ଖୋଲି ଦେଇ ମୋ ଘରର
ସମସ୍ତ ଝରକା,
ପ୍ରତୀକ୍ଷା କରୁଛି ନିତି ଶୋଇ ଶୋଇ
ଏକାକୀ ଖଟରେ ।
ଆଖିପତା ପଡ଼ୁନାହିଁ ଚେଇଁ ଚେଇଁ
ଭାବୁଛି କେବଳ,
ସ୍ୱପ୍ନମାନେ
କାଳେ ଖସି ଯିବେ ।

□□□

Digitized by srujanika@gmail.com

ସମୟ

"ହେ ଭାଇ, ଟିକେ ହାଉଳେ ଚାଲ ।"
ସମୟ ମୋ କାନ୍ଧରେ ହାତ
ରଖେ ଆସି ।
ମୁଁ ଅନାଏଁ ବୁଲି ପଡ଼ି
କେହି ନାହିଁ ମୋ ପାଖରେ
ରାସ୍ତା କେବଳ ଫାଙ୍କା
ବିଧବାର ମାଙ୍ଗ ପରି ସହଜ ସରଳ ।

ମୁଁ ପ୍ରତି ମୁହୂର୍ତ୍ତରେ ମୃତ୍ୟୁର
ଦ୍ରୁତ ପଦଧ୍ୱନି ଶୁଣିବାକୁ ପାଏ ।
ଧମନୀର ଉଷ୍ଣତା ନାହିଁ,
ରକ୍ତରେ ନିଃଶବ୍ଦରେ ଝରୁଛି ବରଫ ।

ଭୂମିକମ୍ପ ଅଥବା ପ୍ଲାବନ ଘଟିପାରେ
ଯେ କୌଣସି ସମୟରେ ଆଜି,
ମୁଁ କିନ୍ତୁ ଅସତର୍କ
ଏଥିପାଇଁ ପ୍ରସ୍ତୁତ ହୋଇନି ।
ରୁଧିରର ଲବଣାକ୍ତ ସ୍ୱାଦ
ମୋତେ ହିଁ ଆମୃତ୍ୟୁ ଚାଖିବାକୁ ହେବ
ଅଳ୍ପ ଅଳ୍ପ କରି ।

Digitized by srujanika@gmail.com

ମୋ ଲଗି କେହି ଜଣେ ପ୍ରତୀକ୍ଷାରେ ଥିଲା
ତାର ଆଜି ଚିହ୍ନ ବର୍ଣ୍ଣ ନାହିଁ,
ଗଛ ତଳେ ବସି ବସି
ନିରଶାରେ ନେଇଛି ବିଦାୟ,
ଜାଣେ ନାହିଁ କେଉଁ ଦିଗଂତରେ
ଛାଇ ତାର ବିଲୀୟମାନ ହେଲା ?

ଗଛର ସବୁଜ ପତ୍ର ପାଂଶୁ ଆଜି,
ଈଷତ୍ ହଳଦିଆ ।
ଖସୁଅଛି ଅବିରତ ଗୋଟି ଗୋଟି କରି,
ସାଉଁଟିବାକୁ କେହି ଲୋକ ନାହିଁ ।
ଆଖିପତା ବୁଜି ଆସେ କ୍ରମାଗତ କ୍ଳାନ୍ତିରେ ଆଜି,
ଘଟି ଓହ୍ଲାଇ ଆସେ ଏହି ମଧ୍ୟାହ୍ନରେ
ଅତର୍କିତେ ଅତି ଅକସ୍ମାତ୍ ।

କାନରେ ବାଜୁଛି ଆସି ଶୀତର ଟାପୁ ଶବ୍ଦ
ଟପ୍, ଟପ୍, ଟପ୍ ।
ସେ କେବଳ କାନ୍ଦୁଅଛି ଚୁହାଇ ଚୁହାଇ
ଜରା ଆଉ ମୃତ୍ୟୁର ସଂବାଦ ।

ମୁଁ ମୋହର ମୁଖ୍ୟ ପ୍ରତିଦ୍ୱନ୍ଦୀ,
ଜନ୍ମ ବଧି ଠିଆ ମୁହିଁ ଦର୍ପଣ ଆଗରେ ।
ସମ୍ପୂର୍ଣ୍ଣ ଅନାବୃତ,
ଯୁଦ୍ଧରତ ନିଜ ସଙ୍ଗେ
ବୁଲି ବୁଲି ଏ ପରିଧିରେ ।

Digitized by srujanika@gmail.com

ଜାଣେ ନାହିଁ କେବେ ଏହି
ଭୀଷଣ ଦ୍ୱୈରଥ ପୁଣି
ଶେଷ ହେବ,
ଅଦିନରେ ଫୁଟିବ କଦମ୍ବ ?

ବାଙ୍କରେ ହୋଇଅଛି ଚୂନ ସଫେଇତି,
ଦୃଶ୍ୟମାନ ଶିର ଓ ପ୍ରଶିର,
ଗତି ହେଲେ ଜଙ୍ଘ ଆସେ
ପେଶୀର ଡେଣାରେ ଚଢ଼ି
ହାତେ ଧରି ଏକେ-ସଦ୍‌ଗ୍ରଳିଶ୍,
ମୋ ଆଡ଼କୁ ବନ୍ଧୁକର ମୁନ
ସେ ଉଞ୍ଚାଇଛି
ଲକ୍ଷ୍ୟ ସ୍ଥିର କରି ।

ଚନ୍ଦ୍ରାହତ କରି ମୋତେ ଅତର୍କିତେ
ଖସିଯିବ ସନ୍ତ୍ରାସବାଦୀଙ୍କ ପରି
ମେଘର ଘନ ଜଙ୍ଗଲରେ ।
ଜୋଛନାର ପ୍ଲାବନରେ ଭାସୁଅଛି
ସମଗ୍ର ମେଦିନୀ ।

ଘୁରିଆଡ଼େ ହିନ୍ତାଡ଼ାଙ୍କ କୋଳାହଳ ଖାଲି,
ଗୋଲ ହୋଇ ସେମାନେ ନାଚୁଛନ୍ତି
ଅଶ୍ଳୀଳ ଅଙ୍ଗଭଙ୍ଗୀ କରି ।

ଜାଣେ ନାହିଁ ମୁଁ ପୁଣି ଜନ୍ମ ନେବି
ଆଉ କାହା ଘରେ ?

□ □ □

Digitized by srujanika@gmail.com

କିମିୟା

କବିତା ଠିଆ ହୁଏ
ଜହ୍ନ ପାଖେ ଯାଇ,
ସମୁଦ୍ରରେ ଆସିଛି ଜୁଆର ।
କେତୋଟି ପଙ୍କ୍ତି ଗଡ଼ି ଗଡ଼ି
ଗୁଡ଼କଙ୍କ ପରି
ଇତସ୍ତତଃ ଗଡ଼ୁଥାଏ,
ବେଳାଭୂମି ଯେମିତି—ସେମିତି ।

ତା ପରେ ଗତି ସାର
ଓଲଟ-ପାଲଟ ।
ଗଢ଼ିବା ଆଉ ଭାଙ୍ଗିବା ପ୍ରକ୍ରିୟା,
ଜୁଆରର ଢେଉ ଆସି ଗ୍ରାସିଯାଏ,
ମୂର୍ଣ୍ଣି ଛାଡ଼ିଯାଏ ।
ଟହଳ ଶରୀରରେ ଫୁଟି ଉଠେ
ରକ୍ତ ଆଉ କ୍ଷତ ଦାଗ
କ୍ରମଶଃ କ୍ରମଶଃ,
ସୃଷ୍ଟିର ଅସ୍ଥିର ଯନ୍ତ୍ରଣା ।

Digitized by srujanika@gmail.com

ଅପାଙ୍‌କ୍ତେୟ ପଡ଼ନ୍ତି ସବୁ
ଲୁଚି ଯାନ୍ତି ଝାଉଁବଣ କଣରେ,
କବିତା ଗୁଲି ଗୁଲି ପାରି ହୁଏ
ନିଷିଦ୍ଧ ବନାନୀ, ନିବିଡ଼ କାନନ ।
ମଣ୍ଡି ହୁଏ ଅଲୌକିକ ଲତା,
ପୁଣି ଆସି ଉପମା ଦେହରେ ।

କବିତା ବି ସ୍ୱପ୍ନ ଦେଖେ,
ସ୍ୱପ୍ନ କଣ ଦେଖିବାକୁ ମନା ?
ଅନାବନା ଘାସ ନୁହେଁ
ସ୍ୱପ୍ନର ବିଭିନ୍ନ ପ୍ରାନ୍ତରେ
ଆନ୍ଦୋଳିତ ହେଉଥାଏ,
କବିତାର ସୁନେଲି ଫସଲ ।

ବାଉଁଶ ବୁଦାରେ ଝୁଲେ
ଗୋଇଗାଇ ଗୁଡ଼ି ପରି
ଜନ୍ମର ହଳଦିଆ ଦେହ ।
ଶବ୍ଦ ପାଖେ ଠିଆ ହୁଏ
ଗଢ଼ିବା ଦାୟିତ୍ୱ ନେଇ
ପୁନଶ୍ଚ କବିତା ।

ପ୍ରକୃତିର ସମ୍ମୋହକ ନଇ
ବା ପାହାଡ଼ ଛାଡ଼ି
କବିତା ଯାଇଛି ଗ୍ଲି
ବହୁ ଦୂର ଅଜଣା ମୁହାଁଣ,
ଟପି ସବୁ ଗୁଢ଼ ଉପତ୍ୟକା ।

Digitized by srujanika@gmail.com

କେଉଁ ଏକ ଶରତ ସକାଳେ
କାଶତଣ୍ଡୀ ଫୁଲ ହାତେ
କେହି ଜଣେ ଅଚିହ୍ନା କିଶୋରୀ,
ନଇକୁ ଗାଧୋଇ ଉଠି
ଓଦା ଚିକୁରରେ,
କବିତାକୁ କରିଛି କିମିୟା ।

କବିତା କହିଛି ତାକୁ
ସଜାଇବ ଅଜସ୍ର ଶବ୍ଦରେ
ଧାଡ଼ି ଧାଡ଼ି ନିପୁଣ ଅକ୍ଷର
ଖଞ୍ଜି ଖଞ୍ଜି ତା ଦେହକୁ
ମାଜି ମାଜି କରିବ ଚିକ୍‌କଣ
ଆଞ୍ଜୁଳାଏ ଗଙ୍ଗଶିଉଳିରେ ।

[illegible]

Digitized by srujanika@gmail.com

କେଉଁ ଏକ ଶରତ ସକାଳେ
କାଶତଣ୍ଡୀ ଫୁଲ ହାତେ
କେହି ଜଣେ ଅଚିହ୍ନା କିଶୋରୀ,
ନଈରୁ ଗାଧୋଇ ଉଠି
ଓଦା ଚିକୁରରେ,
କବିତାକୁ କରିଛି କିମିୟା ।

କବିତା କହିଛି ତାକୁ
ସଜାଇବ ଅଜସ୍ର ଶବ୍ଦରେ
ଧାଡ଼ି ଧାଡ଼ି ନିପୁଣ ଅକ୍ଷର
ଖଞ୍ଜି ଖଞ୍ଜି ତା ଦେହକୁ
ମାଜି ମାଜି କରିବ ଚିକ୍‌କଣ
ଆଞ୍ଜୁଳାଏ ଗଙ୍ଗଶିଉଳିରେ ।

୨୪୮

Digitized by srujanika@gmail.com

ବର୍ଷା

ମୁଁ ଛୁଇଁଛି ବର୍ଷାର ଦେହକୁ,
ସେ ବି ଛୁଇଁଛି ମୋତେ,
ଆପ୍ଲୁତ କରିଛି
ହୃଦୟର ଅନ୍ଧିସନ୍ଧି
ସବୁ କ୍ଲେଦ, ସବୁ ମଳିନତା
ଧୋଇ ଦେଇ ସମଗ୍ର ସତ୍ତାକୁ ମୋର,
ଘଷି–ମାଜି କରିଛି ଉଜ୍ଜ୍ୱଳ
ଅବିଶ୍ରାନ୍ତ ଧାରଶ୍ରାବଣରେ
କଦମ୍ବ ଫୁଟୁଛି ଦୂରରେ ।

ବର୍ଷାରେ ଓଦା ସର ସର
ମୋ ଦେହର ପ୍ରତିଟି ଲୋମକୂପ
ପୁଲକିତ,
ଅଗଣାରେ ଭିଜୁଛି ଗୁହଗ୍ଗ ଗଛ,
ତିନ୍ତୁଛି ବିବସ୍ତ୍ରା ରଜନୀଗନ୍ଧା,
ତନ୍ୱୀ ଶରୀର ତାର
ହେମାଳ ପବନରେ
ଶିହରି ଉଠୁଛି ।
ତୁଳସୀ ଚଉରା ପାଣିଘେରରେ ବନ୍ଦୀ ।

Digitized by srujanika@gmail.com

ଘରର ସମସ୍ତ ଝର୍କା-କବାଟ,
କିଳିଛି ସନ୍ତର୍ପଣରେ,
ଏକ ମାତ୍ର ଖଟଟାକୁ
ଘୋସାରି ଆଣିଛି
ଘର ମଝିକୁ ।
ବହି ବୋଝେଇ ଟେବୁଲକୁ
ନିର୍ବାସନ ଦେଇଛି
ଆପାତତଃ ଅନ୍ୟତ୍ର ।

ସର୍କସର ବାଘ ପରି
ବର୍ଷା ଖେଳୁଛି ବାରଣ୍ଡାରେ ।
ତାର ହେଣ୍ଟାଳ ଶୁଭୁଛି,
ବିଜୁଳିର ଘ୍ୱବୁକ୍
ଚମକୁଛି ରହି ରହି ।

ବେଙ୍ଗଙ୍କ ଅଶ୍ଳୀଳ କୋଳାହଳ ଶୁଣି
ବର୍ଷା ଆସିଛି ପୃଥିବୀକୁ ।
ବେଙ୍ଗ-ଗାଡ଼ିଆ ଭରପୂର,
ଟିଣ ଘରରେ ବର୍ଷାର 'ପଲ୍ଲବୀ'

ଦ୍ରୁତରୁ ଦ୍ରୁତତର ହେଉଛି ।
ଗଣ୍ଡା ନାଳରେ ସୁଅ ଛୁଟିଛି ବର୍ଷାର,
ସେ କଣ ସତେ ସତେ
କଲ୍ଲୋଳିନୀ
ସ୍ରୋତସ୍ୱତୀ ହେବ ?

Digitized by srujanika@gmail.com

କୁନା ବୋଲୁଛି ଗୀତ ନାଚି ନାଚି,
'ମେଘ ବରଷିଲା ଟୁପୁର-ଟାପୁର'
ଗରମ ପକୋଡ଼ୀର ବାସ୍ନା
ଆର୍ଦ୍ର ପବନରେ
ଭସି ଆସୁଛି ଗେଷେଇ ଘରୁ,
ଅଦା ଗହା ପାଇଁ ମନ ବ୍ୟାକୁଳ ।

ବର୍ଷା କମିଲାଣି,
ଥମିଲାଣି ବେଙ୍ଗଙ୍କ ସମବେତ ଉଲ୍ଲାସ,
ଗଷ୍ଟା କଡ଼ରେ କୁନାର କାଗଜ ଡଙ୍ଗା
ମୁହଁ ମାଡ଼ି ଓଲଟି ପଡ଼ିଛି ।
ଶୁଭୁଛି ଝିଇଝିଡ଼ି ମିଆଁର ଡାକ
'ଛତା-କାଡ଼ି ମଗମତ' ।

ଓଦା ଜୋତା ଫୁଲି ଏକାକାର,
ପୁଣି ନୂଆ କିଣିବାକୁ ହେବ ।
ମୁଁ କିନ୍ତୁ ସବୁ ଅସୁବିଧା ଉଡ଼େଇ ଦେଇ
ବଡ଼ ପାଟିରେ ଚିତ୍କାର କରି
କହି ଉଠିବି :
'ବର୍ଷା, ମୁଁ ତୋତେ ଭଲପାଏ,
ତୁ ପୁଣି କେବେ ଆସିବୁ ?'

□□□

Digitized by srujanika@gmail.com

ଦିଗଭ୍ରାନ୍ତ

ଏଥରକ ସବୁ ଅହଙ୍କାର
ସମର୍ପି ଦେବି ତୁମକୁ,
ଉଡ଼ାଇ ଦେବି ଯାବତୀୟ
ଯନ୍ତ୍ରଣା ପବନରେ ।

ସମୁଦ୍ରକୁ ଧାର ମାଗିବି
କିଛି ଫେନିଳ ଉଚ୍ଛ୍ୱାସ ପାଇଁ ଅନ୍ତତଃ,
ଅସ୍ତଗାମୀ ଶରୀରରୁ
ସମଗ୍ର ଉତ୍ତାପ,
କମି କମି ଯାଉଛି କ୍ରମଶଃ ।
ଆଲିଙ୍ଗନ ଶିଖିବାକୁ ନେହୁର
ହେବି ତମାଳ ଲତା ପାଖେ ।

Digitized by srujanika@gmail.com

ପ୍ରେମର ଇତିହାସ କିଏ ପୁଣି
ଲେଖିବ ନିଷ୍ଠାରେ ?
ରୁଧିରଭ ପୃଷ୍ଠା ସବୁ
କୁହ କିଏ ପଢ଼ିବ ଯତ୍ନରେ ?
ତୀକ୍ଷ୍ଣ ଯନ୍ତ୍ରଣାର ଛୁରୀ
ବାଜି ବାଜି କ୍ଷତ-ଚିହ୍ନ
ଫୁଟି ଉଠେ ପୃଷ୍ଠାରୁ ପୃଷ୍ଠାନ୍ତରରେ ।

ଘୃଣା ପରି ଶକ୍ତିଶାଳୀ ଅସ୍ତ୍ର
ନାହିଁ ସାରା ପୃଥିବୀରେ,
ବନ୍ଧୁକ ବି ତା ଆଗରେ
ପାଣିଚିଆ, ପିଲାଙ୍କ ଖେଳଣା ।
ଅନ୍ଧାରର ଇତିବୃତ୍ତ କିଏ ପୁଣି
ପଢ଼ିବ କୁହ ତ ?

ଆଜି କିନ୍ତୁ ମୋ ପାଖରେ
ଗ୍ରହିଯିବା ଭିନ୍ନ ଗତି ନାହିଁ ।
ନିଃସଙ୍ଗ ରକ୍ତରେ ବାଜେ
ସୂର୍ଯ୍ୟାସ୍ତର ଦୃପ୍ତ ପଦଧ୍ୱନି ।
ଅସହାୟ ଗୋଧୂଳିରେ
ପୋଡ଼ିଯାଏ ସ୍ୱପ୍ନ ବନସ୍ଥଳୀ,
ଦାବାନଳ ହୁ-ହୁ ହୁଏ
ହାହାକାର ପରି ।

ତଥାପି ଦିନେ ତ ସବୁ
ପ୍ରାପ୍ତି ଥିଲା ପରିପୂର୍ଣ୍ଣ ହୋଇ,
ଶ୍ରାବଣ ମେଘରେ ଥିଲା
ପ୍ରତିଶ୍ରୁତି ନିବିଡ଼ ବର୍ଷାର ?

Digitized by srujanika@gmail.com

ପ୍ରତିଟି ଲୋମକୂପ ଶିହରିତ
ହେଉଥିଲା
ଦୂରରେ କଦମ୍ବ ଫୁଟିଲେ ?

ମୁଁ ପୁଣି କାହିଁକି କୁହ
ଖୋଜିବାକୁ ତୁମକୁ ବା
ତୁମ ପାଦ-ଚିହ୍ନ
ତାଜମହଲ ପାଷାଣ ସିଢ଼ିରେ,
ଆଗ୍ରା ଯିବି ଦେଖିବାକୁ
ସୁଦୃଶ୍ୟ ପ୍ରେମର ମଶାଣି ?

ମୁଁ ପୁଣି କାହିଁକି କୁହ
ଦିଗଭ୍ରାନ୍ତ ଯକ୍ଷ ପରି
ଅବିରତ ଘୂରୁଥିବି
ପଚାରି ପଚାରି
ତୁମର ଠିକଣା,
ପୂର୍ଣ୍ଣମୀ ଚନ୍ଦ୍ର ପାଖେ ଯାଇ ?
କିମ୍ବା ତୁମ ଛାଇ
ଦରଣ୍ଡିବି ଯମୁନା ନୀରରେ ?
ଯେମିତି ରଧିକା ପାଇଁ
ହୋଇଥିଲେ କୃଷ୍ଣ ବାଇ
ଦିନ ଦିନ ବୁଲି ବୁଲି
ବୃନ୍ଦାବନ ଅମୁହାଁ ଗଳିରେ ?

□ □ □

Digitized by srujanika@gmail.com

ବିଲେଇ

ସାରଦିନ ସେ ମୋ ସାଙ୍ଗେ
ଲୁଚ୍‌କାଳି ଖେଳେ,
ମୁଁ ଛାତକୁ ଗଲେ,
ସେ ଯାଇ ପହଞ୍ଚେ
ସଜନା ଗଛ ମୂଳ
ପାଉଁଶ ଗଦାରେ ।

ମାଛର କଙ୍କାଳ ପାଖେ
ଦେଖିବାକୁ ମିଳେ ତାକୁ ନିତିଦିନ,
ଢାକିଢୁକି ହୋଇ ଶୋଇ ରହିଛି
କିମ୍ବା
ଲୋମଶ ପଞ୍ଝାକୁ ରୁମାଲ୍
ପରି ବ୍ୟବହାର କରି
ଘଷି ଘଷି ମୁହଁ ପୋଛୁଛି
ନିଜକୁ ଆଉଁସି ଆଉଁସି ।

ଅତିକାୟ ଜନ୍ତୁ ଡଳେ
ଛାତର କାଣ୍ଡିସ ଦେଇ
ପଦଚାରଣା କରୁ କରୁ
ଗୋଟାଏ ବିରଟ ହାଇ ମାରି,
ଦେହକୁ ଧନୁ ପରି ବଙ୍କେଇ

Digitized by srujanika@gmail.com

ଙ୍ଗୁଡ଼କୁ ପ୍ରଶ୍ନ ଚିହ୍ନ କରି
ଟେକି ଦିଏ ସେ
ଆକାଶ ଆଡ଼କୁ ।
କେତେବେଳେ ବା,
ଦେହର ସବୁ ଲୋମ ଟାଙ୍କୁରି ଦେଇ
ଜୋଛନା ଝାଡ଼େ ସର୍ବାଙ୍ଗରୁ ।

ଗେଷେଇ ଘରର ନିବୁଜ ଝିଡ଼ିକିକୁ
ଅବଲୀଳାରେ ଖୋଲି
ସନ୍ତର୍ପଣରେ ସେ ଆସି
ମୋ ସକାଳ ଜଳଖିଆର ଦୁଧତକ
ପିଇ ଦିଏ ।
ତା' ପରେ,
ମୋ ସଙ୍ଗେ ଦେଖା ହେଲେ,
ମୁଁ କିଛି କହିବା ଆଗରୁ,
ମୁରୁକେଇ ହସି ଦେଇ
ଡିଆଁ ମାରି ଚଢ଼ିଯାଏ
ଅଗଣା କାନ୍ଥ ଉପରକୁ ।

ମୁଁ ସେତେବେଳେ ଭବେ
ଏ ଦୁଷ୍ଟ ବିଲେଇକୁ ଓଦା କରି ଦେବି
ଆଞ୍ଜୁଳାଏ ପାଣିରେ ।
ସେ କିନ୍ତୁ ସେତେବେଳେ ଖସି ପଳାଇଛି
ତାର ସାଥୀ ଅନ୍ଧ ମହୁମାଛି,
ଆଉ ଖଞ୍ଜ ପ୍ରଜାପତି ସଙ୍ଗେ ଖେଳିବାକୁ ।

□ □ □

Digitized by srujanika@gmail.com

ଶେଷ ଠିକଣା

ଆମ ସମସ୍ତଙ୍କ ଶେଷ ଠିକଣା
ଅରୁଆ କଦଳୀ ବଣ ।
ସଡ଼କ ସିଧା ଲମ୍ବିଛି,
ଖୋଜି ପାଇବାରେ ଅସୁବିଧା ନାହିଁ,
ଆପଣ ନିଶ୍ଚେ ଦିନେନା ଦିନେ
ପହଞ୍ଚି ଯିବେ ଠିକ୍ ଜାଗାରେ ।

ନା-ନା, ଖ-ବ-ର-ଦା-ର,
ବ୍ଲାଉଜ୍‌ର ଦ୍ୱିତୀୟ ବୋତାମରେ
ଟିପ ଛୁଆଁନ୍ତୁନି ।
ଗୃହିଣୀଙ୍କ କଟାକ୍ଷ କିମ୍ବା ଭର୍ତ୍ସନା,
ଗହଣା ବାକ୍‌ସ ଅଥବା ଶାଢ଼ୀର ଶୃଙ୍ଖଳ,
କିଛି ହେଲେ ଆପଣଙ୍କୁ
ବାନ୍ଧି ରଖି ପାରିବ ନାହିଁ ।
ପିଲାଙ୍କ ସମସ୍ତ ଅଳି,
କଣ୍ଢେଇ ଆଉ ରଙ୍ଗୀନ ବେଲୁନ ପାଇଁ କାନ୍ଦ,
ତାଙ୍କ ସ୍କୁଲ ବ୍ୟାଗରେ ମୁରେଇ, ଫିତା ବାନ୍ଧି ଦେଇ,
ଆପଣ ସନ୍ତର୍ପଣରେ ଖସି ପଳାଇବେ
ସନ୍ନ୍ୟାସରେ ।
ନୂଆ ଘରର ନକ୍‌ସା ଉଇ ଖାଇଯାଉ ପଛେ !

ଅରୁଆ କଦଳୀ ବଣ ପରେ
ଆଉ ପୃଥିବୀ ନାହିଁ ।

Digitized by srujanika@gmail.com

ସେଠି ସମସ୍ତ ରାସ୍ତା
ଗୋଟାଏ ଗୋଲେଇ ଛକରେ
ଆସି ମିଶିଛନ୍ତି ।
ତାପରେ ଖାଲି ଅପନ୍ତରା ।

ଆପଣଙ୍କୁ ଆଉ ଦର୍ପଣ ଆଗରେ
ନିଜ ମୁହଁକୁ ଅନାଇ
ମୁଣ୍ଡ କୁଣ୍ଡାଇବାକୁ ପଡ଼ିବ ନାହିଁ ।
ବ୍ୟାଙ୍କ୍‌କୁ ଯାଇ ପେନ୍‌ସନ୍‌ଭୋଗୀଙ୍କ ଧାଡ଼ିରେ ।
ଠିଆ ହେବାର ଝାମେଲା ବି ଖତମ୍ ।
ଆଳୁ ପିଆଜର ଦର
ମନେ ନ ରଖିଲେ ବି ଚଳିବ,
ରୋଜ ସେ ସବୁ ପଣିକିଆ ଘୋଷିବାର
ପ୍ରୟୋଜନ ବା କଣ ?
ଟାଉନ ବସରେ ଆଉ ଚଢ଼ନ୍ତୁନି,
ଆପଣ ଯିବେ ପରା ବହୁତ ବହୁତ ଦୂରକୁ ?
ଇନ୍ଦ୍ରଧନୁର ସମସ୍ତ ରଙ୍ଗ,
ଦୀର୍ଘ ପ୍ରତୀକ୍ଷା ପରର
ଅସରାଏ ବର୍ଷା,
ରାସ୍ତା କାନ୍ଥରେ ନୃତ୍ୟରତା ହେମାମାଳିନୀର ପୋଷ୍ଟର୍,
କଥା ଭୁଲିଯାନ୍ତୁ ।
ପ୍ରଜାପତିର ଡେଣାରୁ ସବୁ ସୂର୍ଯ୍ୟାଲୋକ
ପୋଛି ଦେଇ
ଆପଣ ଟିକଟ କାଟନ୍ତୁ
ଗ୍ରହାନ୍ତରର ବସ୍ ପାଇଁ ।
ଆପଣଙ୍କ ଠିକଣା ହେବ ଏଥର
ଅନ୍ଧୁଆ କଦଳୀ ବଣ ।

□ □ □

Digitized by srujanika@gmail.com